# ବିଧାନସଭାକୁ ଜଙ୍ଗଲ ବିଭାଗର ଭୁଲ୍ ତଥ୍ୟ ପ୍ରଦାନ

ଅନୁଗୋଳ,୨୪ ।୩(ସମିସ):

- ରାଇଗୁଡ଼ାର ପ୍ରତି ପରିବାରକୁ ୧୦ ନୁହେଁ; ୪ ଡିସିମିଲ ଘରଡିହ ଦିଆଯାଇଛି
- ଗ୍ରାମସଭା ନ ହୋଇ ଭୂର୍କୁଣ୍ଡି ଜଙ୍ଗଲ ଗ୍ରାମକୁ ବାସଚ୍ୟୁତ କରାଯାଇଛି

ବିଧାନସଭା ଗଣତନ୍ତ୍ରର ମେରୁଦଣ୍ଡ ତଥା ମନ୍ଦିର ସଦୃଶ। ଏହି ପବିତ୍ର ଗୃହରେ ସବୁ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୁଏ। ବିଭିନ୍ନ ବିଭାଗର ବିଲ୍ ପାରିତ ହୁଏ। ବିଧାୟକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ସମ୍ପୃକ୍ତ ବିଭାଗର ମନ୍ତ୍ରୀ ଦେଇଥାନ୍ତି। ବିଧାନସଭା ଚାଲିଥିବା ସମୟରେ ସମସ୍ତ ବିଭାଗୀୟ ଅଧିକାରୀ ଜାଗ୍ରତ ରହିଥାନ୍ତି। ବିଧାନସଭାର ପ୍ରଶ୍ନର ତଥ୍ୟ ମନ୍ତ୍ରୀଙ୍କୁ ତତକ୍ଷଣାତ୍ ଦେଇଥାନ୍ତି। ଏପରି ପବିତ୍ର ଗୃହକୁ ସଠିକ୍ ଓ ନିର୍ଭୁଲ ତଥ୍ୟ ଦେବା ପାଇଁ ପରମ୍ପରା ତଥା ନିୟମ ରହିଛି। ମାତ୍ର ଜଙ୍ଗଲ ବିଭାଗ ବିଭିନ୍ନ ସମୟରେ ସଠିକ୍ ଏବଂ ନିର୍ଭୁଲ୍ ତଥ୍ୟ ଦେବା ପରିବର୍ତ୍ତେ ଭୁଲ୍ ତଥ୍ୟ ପ୍ରଦାନ କରୁଥିବା ଜଣାଯାଇଛି। ଭୁଲ୍ ତଥ୍ୟ ଦେଇଥିବା ଘଟଣା ଜଣାପଡ଼ିବା ପରେ ଅନୁଗୋଳ ଜିଲ୍ଲା ରାଇଗୁଡ଼ା ଓ ଭୂର୍କୁଣ୍ଡି ଗ୍ରାମ ସମେତ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଜଙ୍ଗଲ ବିଭାଗ ଉପରେ ଜନତାଙ୍କ ଆସ୍ଥା ତୁଟିଯାଇଛି।

ଗତ ୧୧ ତାରିଖ ଏକ ଅଣତାରକା ପ୍ରଶ୍ନ ସଂଖ୍ୟା ୨୬୭୨ ଅନୁଯାୟୀ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କୁ ସାତକୋଶିଆ ଅଭୟାରଣ୍ୟର ବିସ୍ଥାପନ ସମ୍ପର୍କିତ ପ୍ରଶ୍ନ ଉପସ୍ଥାପନ କରିଥିଲେ। ବିଧାୟକ ସ୍ୱାଇଁଙ୍କ ପ୍ରଶ୍ନର ଉତ୍ତର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଦେଇଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଭୁଲ ତଥ୍ୟ ଥିବା ଜଣାପଡ଼ିବା ପରେ ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ମନ୍ତ୍ରୀ ସିଂ ରାଇଗୋଡ଼ା ଗ୍ରାମର ପ୍ରତ୍ୟେକ ପରିବାରକୁ ୧୦ ଡିସିମିଲ ଘରଡିହ ଜାଗା ପ୍ରଦାନ କରାଯାଇଥିବା ଉତ୍ତରରେ ଜଣାଇଥିଲେ। ସରକାରୀ ନିୟମରେ ୧୦ ଡିସିମିଲ ଜାଗା ଦେବା ବ୍ୟବସ୍ଥା ଥିଲେ ସୁଦ୍ଧା ବନ ବିଭାଗ ଓ ପ୍ରଶାସନ ରାଇଗୋଡ଼ାବାସୀଙ୍କୁ ମାତ୍ର ୪ ଡିସିମିଲ ଜାଗା ଦେଇଛି। ଏପରିକି ୮ ପରିବାରକୁ ଆଦୌ ଘରଡିହ ଦିଆଯାଇ ନାହିଁ। ବନ ବିଭାଗ ଅଧିକାରୀମାନେ ଜାଣିଶୁଣି ଏଭଳି ଉତ୍ତର ମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗ ହେଉଛି। ଏପରିକି ଗତଥର ବିଧାନସଭାରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଭୂର୍କୁଣ୍ଡି ଗ୍ରାମ ବିସ୍ଥାପନ ନେଇ ଗ୍ରାମସଭା ଓ ପଲ୍ଲୀସଭା ଅନୁଷ୍ଠିତ ହୋଇଥିବା ଉପରେ ପ୍ରଶ୍ନ କରିଥିଲେ। ମାତ୍ର ବିଭାଗ ଗ୍ରାମସଭା ଓ ପଲ୍ଲୀସଭା ସମ୍ବନ୍ଧୀୟ ସଠିକ୍ ଉତ୍ତର ନ ଦେଇ ସରକାରୀ ନୀତି ନିୟମରେ ହୋଇଥିବା ତଥ୍ୟ ଦେଇଥିଲା। ଜଙ୍ଗଲ ବିଭାଗ ବାରମ୍ବାର ଅଭୟାରଣ୍ୟବାସୀଙ୍କୁ ହଇରାଣ ହରକତ କରି ଭୁଲ ତଥ୍ୟ ପ୍ରଦାନ କରୁଥିବା ଘଟଣା ଅତ୍ୟନ୍ତ ଚିନ୍ତାଜନକ। ଏହାର ତଦନ୍ତ ପାଇଁ ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ଦାବି କରିଛି।

## ରଣିଆକଟା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୪ ।୩(ସମିସ): କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ କୁମାର ସାହୁ ଯୋଗଦେଇ ୧୫ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଲୋଚନା ପ୍ରଧାନ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ନାଏବ ସରପଞ୍ଚ କ୍ଷୀରାବ୍ଧି ବିଶ୍ୱାଳ, ଏବିଇଓ ପ୍ରଭାକର ରାଉଳ, ସିଡିପିଓ ଆରତୀ ସିଂହ, ଜିପିଡିଓ ସତ୍ୟପ୍ରିୟ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଝସକେତନ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ସ୍ମିତାରାଣୀ ସାହୁ, ଏଏଚଓ ବିସ୍ମୟ ମେହେର, ବିପିଏମ (ଓଏଲଏମ୍) ମମତା ମିଶ୍ର, ଡିଇଓ (ଆରସିଏମ୍ଏସ୍) ସରୋଜ ପ୍ରଧାନ, ଏଏଫଓ ଡା. ସୁଭାଷିନୀ ବେହେରା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଶିବିରରୁ ୮୧ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୨୪ ।୩(ସମିସ): ରାଉତାଳ ରାଧାମୋହନ ଯୁବଗୋଷ୍ଠୀ ଆନୁକୂଲ୍ୟରେ ରାଉତାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ରକ୍ତଭଣ୍ଡାରରେ ରକ୍ତ ଅଭାବକୁ ହୃଦୟଙ୍ଗମ କରି ୨୦୧୨ରେ ଗଠନ ହୋଇଥିବା ରାଧାମୋହନ ଯୁବଗୋଷ୍ଠୀ ସଂଗଠନ ପକ୍ଷରୁ ପ୍ରତିବର୍ଷ ମାର୍ଚ୍ଚ ମାସରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ରବିବାର ଅନୁଷ୍ଠିତ ରକ୍ତଦାନ ଶିବିରରୁ ୮୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବଡ଼ହଂସର ସରପଞ୍ଚ ହୃଷୀକେଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ପଞ୍ଚାୟତର ସମିତି ସଭ୍ୟ ପ୍ରଣୟ କୁମାର ପ୍ରଧାନ ଏବଂ ନାଏବ ସରପଞ୍ଚ କ୍ଷୀରୋଦିନୀ ବେହେରା ସମ୍ମାନିତ




ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ରକ୍ତଭଣ୍ଡାର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ। ରାଧାମୋହନ ଯୁବଗୋଷ୍ଠୀ ଅନୁଷ୍ଠାନର ସମସ୍ତ ସଭ୍ୟସଭ୍ୟା ଏବଂ ଗ୍ରାମର ମହିଳା ସଂଗଠନର ସମସ୍ତ ସଦସ୍ୟା ସହଯୋଗ କରିଥିଲେ।

## ବ୍ଲାଷ୍ଟିଂରେ ଭାଙ୍ଗିଲା ଘର

ତାଳଚେରସଦର,୨୪ ।୩(ସମିସ): ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଲିଙ୍ଗରାଜ କୋଇଲା ଖଣିରେ କୋଇଲା ଉତ୍ତୋଳନ ପାଇଁ ବ୍ୟବହୃତ ହେଉଥିବା ଡିନାମାଇଟ୍ ବିସ୍ଫୋରଣରେ କଣ୍ଡାଳ ପଞ୍ଚାୟତ ମଦନମୋହନପୁର ଗ୍ରାମର ସୁପ୍ରିୟା ପ୍ରଧାନଙ୍କ ଘର ଭାଙ୍ଗିଯାଇଛି। ଅନ୍ୟମାନଙ୍କ ଘର ପାଚେରି ଫାଟିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ଲିଙ୍ଗରାଜ କୋଲିୟରୀ ଖଣି ନିକଟରେ ରହିଥିବାରୁ ଅଧିକାଂଶ ସମୟରେ ଏପରି ଅବସ୍ଥା ସୃଷ୍ଟି ହୋଇଥାଏ। ତେବେ ଆଜିର ଘଟଣା ପରେ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କୋଇଲା ଖଣି ପକ୍ଷରୁ ଗ୍ରାମବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ନ ଦେଇ କୋଇଲା ଉତ୍ତୋଳନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଗ୍ରାମବାସୀ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଖଣି ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଖଣି କର୍ତ୍ତୃପକ୍ଷ ଉଚିତ୍ କ୍ଷତିପୂରଣ, ପୁନଃଥଇଥାନ ଓ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ନ ଦେଇ ଚୁପ୍ ବସିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଦିନ ପୂର୍ବରୁ ଏମାନଙ୍କୁ ଉଚିତ ପ୍ରାପ୍ୟ ଦେଇ ତୁରନ୍ତ ଖଣିକର୍ତ୍ତୃପକ୍ଷ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହେଉଛି।



- ଜାତୀୟ ସ୍କୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତା

## ଗୁଲଜାରୀଙ୍କୁ କାଂସ୍ୟ ପଦକ



ଅନୁଗୋଳ,୨୪ ।୩(ସମିସ): ମାର୍ଚ୍ଚ ୧୮ ରୁ ୨୦ ତାରିଖ ପର୍ଯ୍ୟନ୍ତ ୨୫ତମ ଜାତୀୟ ସିନିୟର୍ ସ୍କୋଏ ମାର୍ଶାଲ ଆର୍ଟ ପ୍ରତିଯୋଗିତା ରାଜସ୍ଥାନର ଜୟପୁର ଜିଲ୍ଲା ଇଞ୍ଜିନିୟର କଲେଜରେ ଅନୁଷ୍ଠିତ ହେଇଛି। ଏହି ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବାଳିକା ବର୍ଗରେ ଗୁଲଜାରୀ ଶ୍ୟାମରଙ୍ଗୀ ଅଂଶଗ୍ରହଣ କରି କାଂସ୍ୟ ପଦକ ହାସଲ କରିଛନ୍ତି। ଏଥିପାଇଁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅନୁଗୋଳ ଜିଲ୍ଲା ସ୍କୋଏ ମାର୍ଶାଲ ଆର୍ଟ ଉପସଭାପତି ପର୍ଶୁରାମ ଦାସ ଗୁଲଜାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ରାଜ୍ୟ ସ୍କୋଏ ମାର୍ଶାଲ ଆର୍ଟ ଉପସଭାପତି ଦୁଷ୍ୟନ୍ତ କୁମାର ନାଥଙ୍କଠାରୁ ଗୁଲଜାରୀ ପ୍ରଶିକ୍ଷଣ ନେଉଛନ୍ତି।

## ଅନୁଗୋଳ କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ




ଅନୁଗୋଳ,୨୪ ।୩(ସମିସ): ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଯୁକ୍ତ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆରମ୍ଭ ହୋଇଛି। କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କୁମଣ୍ଡ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ ସିହ୍ନା ଯୋଗଦେଇ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଶାରୀରିକ, ବୌଦ୍ଧିକ ଏବଂ ମାନସିକ ଶକ୍ତିର ବିକାଶ କରିଥାଏ ବୋଲି କହିଥିଲେ। ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ସଦସ୍ୟ ତଥା ସଂଯୋଜିକା ନିବେଦିତା ମହାପାତ୍ର, ଡ. ଶାଶ୍ୱତୀ ଶୁଭଦର୍ଶିନୀ, ମଧୁମିତା ପଟ୍ଟନାୟକ, ଲୁନାରାଣୀ ସାହୁ, ବାରଦା ତରାଇ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରୋଗ୍ରାମ ଅଫିସର ଡ. ସୋନାଲି ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୨୪ ।୩(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୫ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଓ ୧୧ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୫ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱବିହାରୀ ମହାନ୍ତି, ଡେପୁଟି କଲେକ୍ଟର ଶୁଭଦର୍ଶନ ମିଶ୍ର, ସ୍ୱାହା ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଇନୋଭେସନ ଓ ଷ୍ଟାର୍ଟଅପ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ବଇଣ୍ଡା,୨୪ ।୩(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଇନୋଭେସନ ଓ ଷ୍ଟାର୍ଟଅପ୍ ସମ୍ପର୍କରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶ୍ୱଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିବିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅସିତ କୁମାର ଜେନା, କାଳିଆ ସେଠୀ, ନିରଞ୍ଜନ ଦାସ, ଦୀପକ କୁମାର ବେହେରା, ସୁମିତ୍ରା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ଦେବେନ୍ଦ୍ରଙ୍କୁ ରାଷ୍ଟ୍ରୀୟ ନେତୃମଣ୍ଡଳୀଙ୍କ ଶ୍ରଦ୍ଧାଞ୍ଜଳି

ତାଳଚେରସଦର,୨୪ ।୩(ସମିସ): ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ସମଗ୍ର ଦେଶରୁ ବିଶିଷ୍ଟ ବ୍ୟକ୍ତି



ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଡା. ପ୍ରଧାନଙ୍କ ଦେହାନ୍ତର ସପ୍ତମ ଦିନରେ ରବିବାର ତାଙ୍କ ତାଳଚେର ହାଣ୍ଡିଧୁଆଁ ନିବାସ ଦିନତମାମ ଲୋକାରଣ୍ୟ ରହିଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଶହ ଶହ ସଂଖ୍ୟାରେ ନେତୃମଣ୍ଡଳୀଙ୍କ ସୁଅ ଛୁଟିଥିଲା। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଉପମୁଖ୍ୟମନ୍ତ୍ରୀ ପ୍ରେମଚାନ୍ଦ ବେରୱା, ବାଚସ୍ପତି ବାସୁଦେବ ଦେବନାନୀ, ଅଜମେରର ଡେପୁଟି ମେୟର ନିରୋଜ ଜୈନ, ବିହାରର ଆଇନ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଲ ପାଣ୍ଡେ, ହରିୟାଣାର ପଞ୍ଚାୟତିରାଜ ଓ ଖଣିମନ୍ତ୍ରୀ କ୍ରିଷ୍ଣଲାଲ ପାନୱାର, ପ୍ରାକ୍ତନ ସାଂସଦ ହରୀଶ ଦ୍ୱିବେଦୀ, ଓଡ଼ିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ବିଧାୟକ, ପ୍ରାକ୍ତନ ସାଂସଦ, ପ୍ରାକ୍ତ ବିଧାୟକ, ଦଳୀୟ କାର୍ଯ୍ୟକର୍ତ୍ତା, ବିଭିନ୍ନ ଅନୁଷ୍ଠାନ, ଆଦିତ୍ୟ ବାହିନୀର ପ୍ରଦେଶ ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର, ପଣ୍ଡିତ ରୋହିତ ଦାସ, ଜିଲ୍ଲା ପ୍ରମୁଖ ବିଜୟ ତ୍ରିପାଠୀ, ବିଏମଏସର ରାଷ୍ଟ୍ରୀୟ ସମ୍ପାଦକ ରାମନାଥ ଗଣେଶ, ଭେଲ୍ଲୁ ରାଧାକ୍ରିଷ୍ଣନ, ତାଳଚେର ତଥା ଅନୁଗୋଳ ଜିଲ୍ଲା ସାମ୍ବାଦିକ ସମୂହ ଡା. ପ୍ରଧାନଙ୍କ ନିବାସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତାଙ୍କ ମା' ବସନ୍ତ ମଞ୍ଜରୀ ପ୍ରଧାନ ଓ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

## କାର୍ ଓଲଟି ଜଣେ ମୃତ



ବଇଣ୍ଡା,୨୪ ।୩(ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ରାଣୀଭୂଇଁ ନିକଟରେ ସୋମବାର ଏକ କାର ଭାରସାମ୍ୟ ହରାଇ ଓଲଟିପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ କାରରେ ବସିଥିବା ବୌଦ୍ଧ ଜିଲ୍ଲା ବୁଟୁପାଲି ଗ୍ରାମର ଧନଞ୍ଜୟ ମେହେରଙ୍କ ମୃତ୍ୟୁ ହୋଇଛି। କାର ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିନାହିଁ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କିଶୋରନଗର ମେଡିକାଲରେ ଭର୍ତ୍ତି କରିଛନ୍ତି। ଏହି କାର୍ ଅନୁଗୋଳରୁ ବୌଦ୍ଧ ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ କାର ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ପୂର୍ବ ସୈନିକ ସଂଘ ପକ୍ଷରୁ ସହିଦ ଦିବସ ପାଳିତ

ତାଳଚେରସଦର,୨୪ ।୩(ସମିସ): ଅନୁଗୋଳ ଜିଲ୍ଲା ପୂର୍ବ ସୈନିକ ସଂଘ ପକ୍ଷରୁ ଦେଉଳବେଡ଼ା ଗ୍ରିନ୍ ଗ୍ରାସ ଷ୍ଟାଡିୟମ୍ ନିକଟ ଡିସିଆଇ କ୍ଲବରେ ସହିଦ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ସମ୍ମାନିତ ଅତିଥି ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ସୃବ୍ରତ କୁମାର ଦାସ ଯୋଗଦେଇଥିଲେ। ଏତିଭିର



ସଭାପତି ଅନିଲ କୁମାର ମହାନ୍ତି, ଉପସଭାପତି ରଞ୍ଜିତ ଜେନାଙ୍କ ସମେତ ଅତିଥିମାନେ ସହିଦ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମଞ୍ଚ ଦାୟିତ୍ୱରେ ଥିବା ଆଦିତ୍ ମହାନ୍ତି ଏବଂ ଅମୂଲ୍ୟ ନାୟକଙ୍କ ସହଯୋଗରେ ଅତିଥିମାନେ ତାଳଚେରର ସହିଦ ରଞ୍ଜନ ମହାନ୍ତି, ଦିବାକର ଗଡ଼ନାୟକ, ସୁଧାକର ବେହେରା ଏବଂ ରାଣାପ୍ରତାପ ଦାସଙ୍କ ପରିବାର ସଦସ୍ୟ ଏବଂ କଣିହାଁ ଅଞ୍ଚଳ ୯୪ ବର୍ଷୀୟ ଅବସରପ୍ରାପ୍ତ ସୈନିକ ଭାସ୍କର ବରାହ, ୮୫ ବର୍ଷୀୟ ଯୁଧିଷ୍ଠିର ସାମଲ ଏବଂ ଦୁଇ ବୀର ମହିଳାଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟଅତିଥି ଜେନା ନିଜ ଅଭିଭାଷଣରେ ଦେଶ ମାତୃକାକୁ ସ୍ୱାଧୀନ କରିବା ନିମନ୍ତେ ସହିଦ ହୋଇଥିବା ସ୍ୱତନ୍ତ୍ର ସେନାନୀ ତଥା ସ୍ୱାଧୀନତା ପରେ ସହିଦ ହୋଇଥିବା ବୀର ଯବାନଙ୍କ ଅବତାରଣା କରିଥିଲେ। ସଂଘ ସଦସ୍ୟ ପଙ୍କଜ ଲୋଚନ ଆୟଚ, ସୁଶାନ୍ତ ପ୍ରଧାନ ଏବଂ ଜୟକୃଷ୍ଣ ନାଥଙ୍କ ତତ୍ତ୍ୱାବଧାନରେ ଗୁରୁ ଦୁଃଶାସନ ବେହେରାଙ୍କ ନିର୍ଦ୍ଦେଶନାରେ କୁନି ପିଲାମାନଙ୍କ ଦ୍ୱାରା ଦେଶଭକ୍ତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତାଳଚେର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଶୋଭାଗିନୀ ଦେବୀ, ସାମାଜିକ କର୍ମୀ ରଞ୍ଜିତ ମହାପାତ୍ର, ତାଳଚେର ସହିଦ ମେମୋରିଆଲ ଫୁଟବଲ ଆସୋସେନର ସଭାପତି ହରେଶ ଦାସ, ଚନ୍ଦନ ପ୍ରଧାନ ଏବଂ ତାଳଚେରର ସମସ୍ତ ସାମ୍ବାଦିକ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ

ଛେଣ୍ଡିପଦା,୨୪ ।୩(ସମିସ):




ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ସୋମବାର ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ମାଝୀ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଛେଣ୍ଡିପଦା ତହସିଲଦାର ମାନସ ରାୟ, ବିଡିଓ ଅରବିନ୍ଦ ବେହେରା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଛେଣ୍ଡିପଦା ବିଇଓ ମଧୁସ୍ମିତା ନନ୍ଦ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥିମାନେ ନୂତନ ଶିକ୍ଷାନୀତି ସମ୍ପର୍କରେ ଆଲୋଚନା କରିବା ସହ ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣ ସୃଷ୍ଟି ଓ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶରେ ଏପ୍ରିଲ ୨ ତାରିଖ ପ୍ରତ୍ୟକ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅଭିଭାବକଙ୍କୁ ନିମନ୍ତ୍ରଣ ବଣ୍ଟନ କରାଯାଇଛି। ଏଥିରେ ସମସ୍ତ ଅଭିଭାବକ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ଓ ଅଭିଭାବକ ଯୋଗଦେଇଥିଲେ।

## ଯୁବ ଡୁମାଳ ସମାଜର ବୈଠକ



କିଶୋରନଗର,୨୪।୩(ସମିସ): ଆଠମଲ୍ଲିକ ବ୍ଲକ କନ୍ଧପଡ଼ା ପଞ୍ଚାୟତ ଆମ୍ବ ବଗିଚାରେ ଥିବା ମାହେଶ୍ୱରୀ ସଂସ୍କୃତି ଭବନ ପରିସରରେ ରବିବାର ଅପରାହ୍ନରେ ଯୁବ ଡୁମାଳ ସମାଜର ବୈଠକ ଅନୁଷ୍ଠିତ ହୋଇଛି। କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତୀ ବୈଠକରେ ସଭାପତିତ୍ୱ କରି ଆଗାମୀ ଦିନରେ ଡୁମାଳ ସମାଜର ଯୁବକମାନେ ସେବା ମୋନଭାବ ନେଇ ଏହି ସଂଗଠନରେ ବହୁ ସଂଖ୍ୟାରେ ଯୋଡ଼ିହେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସିଦ୍ଧାର୍ଥ ଶଙ୍କର ଖେତୀ, ମନୋଜ କୁମାର ପ୍ରଧାନ, ଅନ୍ତର୍ଯ୍ୟାମୀ ମହାକୁଡ଼, ନିଗମାନନ୍ଦ ପ୍ରଧାନ, ସୁନନ୍ଦ ମହାକୁଡ଼, ଆନନ୍ଦ ବଘାର, ଦିବାକର କର୍ଣ୍ଣ, ଦୁଷ୍ମନ୍ତ ମାହାର, ପ୍ରତାପ କର୍ଣ୍ଣ, ଅମିତାଭ ମହାକୁଡ଼, ଶାନ୍ତନୁ କର୍ଣ୍ଣ ପ୍ରମୁଖଙ୍କୁ ନେଇ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଛି। ପରବର୍ତ୍ତୀ ବୈଠକ ପାଇଁ ପ୍ରସ୍ତାବ ଆଗତ ହୋଇଛି।

### ଯୌତୁକ ଦାବିରେ ସ୍ତ୍ରୀର ଗଳାକାଟି ହତ୍ୟା ଘଟଣା

# ସ୍ୱାମୀକୁ ୬ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଢେଙ୍କାନାଳ,୨୪।୩(ସମିସ)

ଅଧିକ ଯୌତୁକ ଦାବିରେ ସ୍ତ୍ରୀକୁ ଗଳାକାଟି ହତ୍ୟା ଘଟଣାର ବିଚାର କରି ଢେଙ୍କାନାଳ ଜିଲ୍ଲା ଅତିରିକ୍ତ ଦୌରାଜଜ ତଥା ଭିଜିଲାନ୍ସ ଜଜ୍ ଅଭିଯୁକ୍ତ ସ୍ୱାମୀକୁ ଦୋଷୀ ସାବ୍ୟସ୍ତ କରିବା ସହ ୬ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ୧ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ ମୋଟଙ୍ଗା ଥାନା ଅନ୍ତର୍ଗତ ନାଣ୍ଡିପୁଲିଆ ଗ୍ରାମର କୁଳମଣି ନାଏକଙ୍କ ପୁଅ ସୁବାସ ନାଏକ। ତେବେ ପ୍ରମାଣ ଅଭାବରୁ ସୁବାସଙ୍କ ମାଆ ପ୍ରମିଳା ନାଏକଙ୍କୁ କୋର୍ଟ ଦୋଷମୁକ୍ତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାସୋଳ ଥାନା ବାବନ୍ଧ ଗ୍ରାମର ଦଣ୍ଡଧର ନାଏକଙ୍କ ଝିଅ ସୁତପା ସବିତା ନାଏକ ସୁବାସଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ୩ମାସ ପରେ ଅଧିକ ଯୌତୁକ ଦାବିରେ ସ୍ୱାମୀ ସୁବାସ ଓ ଶାଶୂ ପ୍ରମିଳା ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଆସୁଥିଲେ। ତେବେ ୨୦୨୦ ଜାନୁଆରୀ ୨୮ରେ ସବିତାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ସବିତାଙ୍କ ଭାଇ ସୁଶାନ୍ତ ନାଏକଙ୍କ ଅଭିଯୋଗ ଅନୁସାରେ ସବିତା ମୃତ୍ୟୁର ୫ ଦିନ ପୂର୍ବରୁ ବାପଘରକୁ ଆସି ୧୦ ହଜାର ଟଙ୍କା ନେଇଥିଲା। ମାତ୍ର ଏଥିରେ ସ୍ୱାମୀ ଏବଂ ଶାଶୂ ସନ୍ତୁଷ୍ଟ ନ ହୋଇ ସବିତାକୁ ମାଡ଼ ମାରିଥିଲେ। ଅଧିକ ଟଙ୍କା ଆଣିବାକୁ ଦାବି କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ସବିତା ଫୋନରେ ବାପଘର ଲୋକଙ୍କୁ ଜଣାଇଥିଲେ। ପୁଣି ୧୦ହଜାର ଦେବା ପରେ ସ୍ୱାମୀ ଏବଂ ଶାଶୂ ସନ୍ତୁଷ୍ଟ ହୋଇଥିଲେ। ୨୦୨୦ ଜାନୁଆରୀ ୨୮ ତାରିଖ ସକାଳ ସାଢ଼େ ୬ଟାରେ ସବିତାଙ୍କ ଶାଶୂ ବାପଘରକୁ ଫୋନ୍ କରି ତୁମ ଝିଅ ଦେହ ଖରାପ ଅଛି, ତାକୁ ନେଇଯାଅ ବୋଲି କହିଥିଲେ। ସବିତାଙ୍କ ବାପା ଦଣ୍ଡଧର ଏବଂ ଭାଇ ସୁବାସ ଶାଶୂଘରେ ପହଞ୍ଚିବା ପରେ ସବିତାଙ୍କ ବେକ ଗଭୀର ଭାବରେ କଟାଯାଇଥିବା ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସୁବାସ ମୋଟଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ସ୍ୱାମୀ ସୁବାସ ଏବଂ ଶାଶୂ ପ୍ରମିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ସବିତା ପାତ୍ର କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ମାମଲା ବିଚାର ଆରମ୍ଭ ହୋଇଥିଲା। ଏହି ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ଭିଜିଲାନ୍ସ ଜଜ ପ୍ରଣତି ଶାହା ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ସାଇଣ୍ଟିଫିକ ଟିମ୍‌ର ରିପୋର୍ଟ ଆଧାରରେ ସୁବାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ଅକ୍ଷୟ କୁମାର ଭୋଇ ଏବଂ ଜିଲ୍ଲା ପିପି ଗଣେଶ କୁମାର ବେହେରା ଏହି ମାମଲା ପରିଚାଳନା କରୁଥିଲେ।

### ମହିମା ବହି ମେଳାର ଦ୍ୱିତୀୟ ସନ୍ଧ୍ୟା

## 'ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ସିଦ୍ଧମାନଙ୍କର କ୍ଷେତ୍ରସ୍ଥଳ' ଆଲୋଚନାଚକ୍ର




ଢେଙ୍କାନାଳ,୨୪।୩(ସମିସ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏନ୍‌ବିଟିର ସହଯୋଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁ ଇଣ୍ଡିଆ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଆୟୋଜିତ ପ୍ରଥମ ମହିମା ବହିମେଳାର ଦ୍ୱିତୀୟ ସନ୍ଧ୍ୟାରେ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। 'ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ସିଦ୍ଧମାନଙ୍କର କ୍ଷେତ୍ରସ୍ଥଳ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ ଯୋଗଦେଇ କହିଲେ, ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ଭାବେ ଏହାର ମହିମା ଅତ୍ୟନ୍ତ ଆକର୍ଷଣୀୟ। ଅନେକ ମହାମନିଷୀ ଏହି ମାଟିରେ ସାଧନ କରି ସିଦ୍ଧି ଲାଭ କରିଛନ୍ତି। ବିଶେଷକରି ସିଦ୍ଧ ବଳରାମ, ସିଦ୍ଧ କପିଳାସ ଅଷ୍ଟଶମ୍ଭୁ, ସରାଙ୍ଗ ଅନନ୍ତ ନାରାୟଣ ବିଷ୍ଣୁ, ସପ୍ତଶଯ୍ୟା ଆଦି ଅନେକ ପବିତ୍ର ପାବନ ଭୂମି ଢେଙ୍କାନାଳ ମାଟିକୁ ସିଦ୍ଧ ଶ୍ରୀକ୍ଷେତ୍ର ଭାବେ ପ୍ରତିଷ୍ଠା କରିଛି ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଆର୍ଯ୍ୟକବି ପଣ୍ଡିତ ଡ. ପ୍ରମୋଦ କୁମାର ମିଶ୍ର ଯୋଗଦେଇ ପଞ୍ଚମ ଶତାବ୍ଦୀରୁ ଯେଉଁମାନେ ଢେଙ୍କାନାଳ ମାଟିରେ ସିଦ୍ଧି ଲାଭ କରିଛନ୍ତି ସେମାନଙ୍କ ଉପରେ ଆଲୋକପାତ କରିଥିଲେ। ବ୍ରାହ୍ମଣୀ କୂଳେ ଦ୍ୱାଦଶ ସ୍ୱୟମ୍ଭୁ କ୍ରୋଶଲିଙ୍ଗ ସ୍ୱୟମ୍ ପ୍ରକାଶ ହୋଇ ଶିବ ସଂସ୍କୃତିକୁ ପରିବ୍ୟାପ୍ତ କରିଛନ୍ତି। ଏହି ମାଟିକୁ ସିଦ୍ଧ କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ଏବଂ ଜିଲ୍ଲା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆର୍ଯ୍ୟରତ୍ନ ଚକ୍ରଧର ଏଥିରେ ସଭାପତିତ୍ୱ କରିଥିବାବେଳେ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନିୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦଳିଆପଶିବାସୀଙ୍କୁ ଭେଟିଲେ ବିଧାୟକ



ଭୁବନ,୨୪।୩(ସମିସ): ବାଲିଝାଟି କାର୍ଯ୍ୟାଳୟରେ ବିଧାୟକ ଶତ୍ରୁଘ୍ନ ଜେନା ଭଦଳିଆପଶି ୱାର୍ଡ ନଂ-୨ର ଶତାଧିକ ବାସିନ୍ଦାମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ସ୍ୱାଧୀନତାର ୭୮ ବର୍ଷ ପରେ ବି ଭଦଳିଆପଶି ବାସିନ୍ଦା ଝାଟିମାଟି ଘରେ ରହୁଛନ୍ତି। ଏହି ବସ୍ତି ଚାରିପାଖରେ ସରକାରଙ୍କ ସବୁ ଅଫିସ କୋଠାବାଡି ତିଆରି ହେଲା। ହେଲେ ଭଦଳିଆପଶି ବାସିନ୍ଦାଙ୍କ ଅବସ୍ଥା ସୁଧୁରିଲା ନାହିଁ। ମୂଲମଜୁରି କଲେ ପେଟକୁ ଦାନା ମିଳେ। ଏହି ବସ୍ତି ଭୁବନ ଏନ୍‌ଏସିର ୱାର୍ଡ ନଂ-୨ ଭଦଳିଆପଶି ମୌଜାରେ ଅବସ୍ଥିତ। ବସ୍ତି ବାସିନ୍ଦାଙ୍କ ସୁରକ୍ଷା ପାଇଁ ବଡ଼ ଆଇନ ହେଉଛି। ହେଲେ ଏମାନଙ୍କୁ କିଛି ମିଳିନାହିଁ। ଏମାନେ ବାସ କରୁଥିବା ଅଞ୍ଚଳ ସରକାରୀ ଜାଗା ହୋଇଥିବା ଲୋକଙ୍କୁ ଜାଗାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ଏପର୍ଯ୍ୟନ୍ତ ମିଳିନାହିଁ। ଫଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବିବେଚିତ ହୋଇପାରୁ ନାହାନ୍ତି। ତେଣୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଥିଲେ। ସମସ୍ତ ବସ୍ତିବସିନ୍ଦାଙ୍କୁ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେବାକୁ ଚାନ୍ଦିନୀ ଦେହୁରୀ, କାଞ୍ଚନ କମାର, ସନା ନାୟକ, ସୁଭଦ୍ରା ସାହୁ, ମମତା ନାୟକ, ପଦି ନାୟକ, ନଳିନୀ ସାହୁ ପ୍ରମୁଖ ଦାବି କରିଥିଲେ। ବିଧାୟକ ଜେନା ଏହି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୋମବାର ଅପରାହ୍ନରେ ଭୁବନ ତହସିଲଦାର ସୂର୍ଯ୍ୟପ୍ରକାଶ ଦାସ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ରାଜସ୍ୱ ନିରୀକ୍ଷକ ମାନସ ମହାନ୍ତି ପ୍ରମୁଖ ସେଠାରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ



ଅନୁଗୋଳ,୨୪।୩(ସମିସ): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ବ୍ଲକ୍ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୬୦ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ୪ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ଜିଲ୍ଲାଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲାକୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଅମର ଲୁଗୁନ୍, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

● ମନ୍ଦିରରେ ଚଢ଼ଉ

## ନାବାଳିକା ବିବାହ ରୋକିଲା ଚାଇଲ୍ଡଲାଇନ୍

ଅନୁଗୋଳ,୨୪।୩(ସମିସ): ପୁଣି ନାବାଳିକା ବିବାହକୁ ନେଇ ଚର୍ଚ୍ଚାକୁ ଆସିଛି ଅନୁଗୋଳ। ଖବର ପାଇ ଚାଇଲ୍ଡଲାଇନ ପହଞ୍ଚି ବାହାଘର ବନ୍ଦ କରି କନ୍ୟାକୁ ଉଦ୍ଧାର କରିଛି। ଅନୁଗୋଳ ବ୍ଲକ ତୁମୁଣୀ ଗ୍ରାମରେ ଥିବା ଶିବ ମନ୍ଦିରରେ ଜଣେ ୧୭ ବର୍ଷର ନାବାଳିକାଙ୍କ ବିବାହ କରାଯାଉଥିବା ଚାଇଲ୍ଡଲାଇନ ନିକଟରେ ଖବର ପହଞ୍ଚିଥିଲା। ଚାଇଲ୍ଡଲାଇନ ଏ ନେଇ ଖଲାରୀ ମଣ୍ଡଳ ପରିଦର୍ଶିକା କାଞ୍ଚନ ନାଏକଙ୍କୁ ଫୋନ୍ କରି ସୂଚନା ଦେଇଥିଲା। ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀଙ୍କ ସହ ଯୋଗାଯୋଗ କରି ବାହାଘର ବନ୍ଦ କରିବା ସହ ନାବାଳିକାକୁ ଉଦ୍ଧାର କରାଯାଇଛି। ନାବାଳିକାଙ୍କ ଘର ଅନୁଗୋଳ ସଦର ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି।

### ତାଳଚେର ସାର କାରଖାନା କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ସାଂସଦଙ୍କ ପ୍ରଶ୍ନ

## ଅବଧିର ୬ ମାସ ବିତିଲା, ଉତ୍ପାଦନ ହୋଇପାରିଲା ନାହିଁ

ଢେଙ୍କାନାଳ,୨୪।୩(ସମିସ): ତାଳଚେର ସାର କାରଖାନାର କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ସଂସଦରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପ୍ରଶ୍ନ ଉଠାଇବା ସହିତ ଉଦବେଗ ପ୍ରକାଶ କରିଛନ୍ତି। ଏହି କାରଖାନାର ନିର୍ମାଣ କାର୍ଯ୍ୟର ଅବଧି ୬ମାସ ବିତିଯାଇଥିଲେ ମଧ କାର୍ଯ୍ୟ ସମ୍ପୂର୍ଣ୍ଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାର କାରଖାନାର ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ବୋଲି ସଂସଦରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି ପାଣି। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୭୫ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବା ବେଳେ ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଚାଲୁ ରହିଛି।

କେତେକ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ରହିଥିବା କେନ୍ଦ୍ର ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୯ ଡିସେମ୍ବରରୁ ଆରମ୍ଭ ହୋଇଛି। ପ୍ରସ୍ତାବିତ ଏହି ସାର କାରଖାନରୁ ବାର୍ଷିକ ୧୨.୭ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୧୩ ହଜାର ୨୭୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ଚୀନର ଏକ ସଂସ୍ଥାକୁ ଦିଆଯାଇଛି। ୨୦୨୪ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ସାର ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ।





### ଶେଷହେଲା ଗାଁ ଗାଁରେ ଦୋଳଯାତ୍ରା

## ଲଉଡ଼ିଖେଳରେ ଦୁଲୁକିଲା ନୂଆହତା ପାଟଣା





ଅନୁଗୋଳ,୨୪।୩(ସମିସ)

ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବାର ମାସରେ ତେରଯାତ ପାଳନ ହେଉଥିବା ବେଳେ ଦୋଳଯାତ୍ରା ଏକ ମହାନ ପର୍ବ। ପୁରପଲ୍ଲୀରେ ସବୁଠି ପାଳନ ହୁଏ ଫଗୁ ବା ଅବିରର ପର୍ବ ଦୋଳ। ପରମ୍ପରା ଅନୁସାରେ ଫାଲଗୁନ ଶୁକ୍ଳପକ୍ଷ ଦଶମୀଠାରୁ ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଫାଲଗୁନ ପୂର୍ଣ୍ଣିମା ଅବା ଦୋଳ ପୂର୍ଣ୍ଣିମାଠାରୁ ୧୦ ଦିନ ଯାଏଁ ଗାଁ ଗାଁରେ ଦୋଳ ମେଳଣ ହୋଇଥାଏ। ସୋମବାର ଥିଲା ଦଶଦୋଳ। ଏହି ପର୍ବର ଆରାଧ୍ୟ ଠାକୁର ରାଧାକୃଷ୍ଣ। ଏହି ପରିପ୍ରେକ୍ଷୀରେ ବଅଁରପାଳ ବ୍ଲକ ନୂଆହତା ପାଟଣା ଗାଁରେ ସୋମବାର ଦଶଦୋଳ ଉତ୍ସବ ଧୁମଧାମରେ ପାଳିତ ହୋଇଛି। ଗାଁ ଉତ୍ସବମୁଖର ହୋଇଛି। ପାଣିଓଳା, କାରନ୍ଦା, ସାହାରଗୁଡ଼ା, ସିମିନାଇ, ନୂଆହତା ପ୍ରଭୃତି ଗାଁର ଗୌଡ଼ ସମ୍ପ୍ରଦାୟର ପାରମ୍ପରିକ ଲଉଡ଼ିଖେଳ, ରାଧାକୃଷ୍ଣଙ୍କ ବେଶ, କୌତୁହଳ ବେଶ ହୋଇ ପୁରାଣ ବର୍ଣ୍ଣିତ ନାଟିକା ପ୍ରଦର୍ଶନ ସବୁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିରାଟ ଶୋଭାଯାତ୍ରାରେ ରାଧାକୃଷ୍ଣଙ୍କ ଦୋଳବିମାନ ଗାଁ ଭଗବତ ଘରଠାରୁ ବାହାରି ଗ୍ରାମ ପରିକ୍ରମା କରି ଦୋଳମଣ୍ଡପରେ ପହଞ୍ଚିଥିଲେ।

ଶୋଭାଯାତ୍ରାରେ ଛତି, ତରାସ, ଆଲଟ ଚାମର, ପାରମ୍ପରିକ ଢୋଲ ବାଦ୍ୟ ସାମିଲ ହୋଇଥିଲେ। ଏହି ଉତ୍ସବରେ ଯୁବନେତା ଅରୁଣାଭ ସିଂହ, ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଗାଁ ଦୋଳଯାତ୍ରା ପରିଚାଳନା କମିଟିର ହରେକୃଷ୍ଣ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୁତିଆ, ଶରତ ପ୍ରଧାନ, ଜଗନ୍ନାଥ ବେହେରା, ବଳରାମ ବେହେରା, ମହନ୍ତ ଭୁତିଆ, ପ୍ରକାଶ ବେହେରା, ନିତ୍ୟାନନ୍ଦ ସାହୁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଯାତ୍ରା ପଡ଼ିଆରେ ଚଟପଟି ଖାଦ୍ୟ, ମନୋହରି ଦୋକାନ ସବୁ ଯାତ୍ରା ମହୋଲକୁ ଉତ୍ସବମୁଖର କରିଥିଲା। ରାତିରେ ଦୋଳମଣ୍ଡପ ଛକରେ ଅପେରା ପରିବେଷଣ କରାଯାଇଥିଲା।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଭୁବନ,୨୪।୩(ସମିସ): ଭୁବନ ଥାନା ବାଉଁଶକଣ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ଜ୍ଞାନରଞ୍ଜନ ତ୍ରିପାଠୀ (୪୫)। ଜ୍ଞାନରଞ୍ଜନ ଘର ନିକଟରେ କାମ କରୁଥିବା ବେଳେ ନିକଟ ଝାଟି ଜଙ୍ଗଲରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ଜ୍ଞାନରଞ୍ଜନଙ୍କ ମୁଣ୍ଡ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଟକ ଏସ୍‌ସିବିରେ ଭର୍ତ୍ତି କରିଛନ୍ତି।

## ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ ଅଭିଯୋଗ

ଅନୁଗୋଳ,୨୪।୩(ସମିସ): ପ୍ରଥମ ସ୍ତ୍ରୀ ଥାଇ ଦ୍ୱିତୀୟ ବିବାହ କରିବାରୁ ଅନୁଗୋଳ ସଦର ଥାନାରେ ଅଭିଯୋଗ କରିଛନ୍ତି ମହିଳା। ସଦର ଥାନା କରଡ଼ାଗାଡ଼ିଆ ଅଞ୍ଚଳରେ ଏହି ଘଟଣା ଘଟିଛି। ଅନୁଗୋଳ ବ୍ଲକ ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମର ଲୋପାମୁଦ୍ରା ପ୍ରଧାନ (୨୯) ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ ୨୦୧୭ ଫେବୃଆରୀ ୬ରେ ପୋକତୁଙ୍ଗା ଗ୍ରାମର ଲମ୍ବୋଦର ଦେହୁରିଙ୍କ ପୁଅ ଜନାର୍ଦ୍ଦନ ଦେହୁରୀଙ୍କୁ ସେ ବିବାହ କରିଛନ୍ତି। ଜନାର୍ଦ୍ଦନ ତାଙ୍କୁ ଛାଡ଼ପତ୍ର ଦେବାକୁ ମାମଲା କରିଛନ୍ତି। ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନରେ ରହିଛି। ତେବେ ଜନାର୍ଦ୍ଦନ ଅନ୍ୟ ଜଣଙ୍କୁ ବିବାହ କରିବା ପାଇଁ ସ୍ଥିର କରିଥିବା ବେଳେ ଲୋପାମୁଦ୍ରା କଟକ ପରିବାର ଅଦାଲତରେ ଏ ନେଇ ମାମଲା କରିଥିଲେ। ଜନାର୍ଦ୍ଦନ କୋର୍ଟକୁ ଯାଇ ଅନ୍ୟତ୍ର ବିବାହ କରିବେ ନାହିଁ ବୋଲି ଚୁକ୍ତି କରିଥିଲେ। ତେବେ ଇତିମଧ୍ୟରେ ଜନାର୍ଦ୍ଦନ କରଡ଼ାଗାଡ଼ିଆରେ ରହି ଆଉ ଜଣଙ୍କୁ ବିବାହ କରିଛନ୍ତି। ତାଙ୍କର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଛି। ଏହି ଖବର ପାଇବା ପରେ ଲୋପାମୁଦ୍ରା ସୋମବାର କରଡ଼ାଗାଡ଼ିଆ ଯାଇ ଜନାର୍ଦ୍ଦନଙ୍କୁ ଭରଣପୋଷଣ ମାଗିବାରୁ ତାଙ୍କୁ ମାଡ଼ ମାରିଥିଲେ। ଜନାର୍ଦ୍ଦନଙ୍କ ବାପା ମଧ ତାଙ୍କ ତଣ୍ଟିଚିପି ମାଡ଼ ମାରିଥିବା ଲୋପାମୁଦ୍ରା ସଦର ଥାନାରେ ଅଭିଯୋଗ କରିଛନ୍ତି।

# ରାମଚଣ୍ଡୀ ପୋଲ ନିକଟରେ ବିରାଟ କୁମ୍ଭୀର

ମହାକାଳପଡ଼ା,୨୪।୩(ସମିସ): ମହାକାଳପଡ଼ା ବ୍ଲକ ରାମଚଣ୍ଡୀ ପୋଲ ନିକଟ ଗଳିଆ ନଈପଠାରେ ଏକ ବିରାଟ କୁମ୍ଭୀର ଦେଖିବାକୁ ମିଳିଛି । କୁମ୍ଭୀରର ଲମ୍ବ ପ୍ରାୟ ଦଶ ଫୁଟ ହେବ ।



ସୋମବାର ମଧ୍ୟାହ୍ନରେ ନଈରେ ଜୁଆର ଛାଡ଼ ସମୟରେ ରାମଚଣ୍ଡୀ ଗଳିଆ ନଈର ମଝିରେ ଥିବା ବାଲିପଠା ଉପରେ ଏହି ବିରାଟ କୁମ୍ଭୀର ଆଁ କରି ଶୋଇଥିବା ଦେଖିବାକୁ ମିଳିଥିଲା । ଦିନ ପ୍ରାୟ ବାରଟା ସମୟରୁ ପ୍ରାୟ ଦୁଇ ଘଣ୍ଟା ଧରି କୁମ୍ଭୀରଟି ଶୋଇଥିବା ବେଳେ ଛପାଲିରୁ ରାମନଗର ଯିବା ରାସ୍ତାରେ ରାମଚଣ୍ଡୀ ପୋଲ ଉପରେ ଦେଖଣାହାରୀଙ୍କ ଭିଡ଼ ଲାଗିଥିଲା । ଗଳିଆ ନଈରେ ଆହୁରି ଦୁଇଟି ବିରାଟ କୁମ୍ଭୀର ରହିଥିବା ସ୍ଥାନୀୟ ବାସିନ୍ଦା ସୁଜିତ କୁମାର ମାଇତି, ସୁବାସ ସ୍ୱାଇଁ ପ୍ରମୁଖ କହିଛନ୍ତି । ଏହି ଗଳିଆ ନଈ ନିକଟରେ ଥିବା ଶବରପଡା, ପେଟଛେଲାର କିଛିଲୋକ କୁମ୍ଭୀର ଆକ୍ରମଣର ଶିକାର ହୋଇଥିଲେ ।

# ଘରେ ପଶି ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ପଟ୍ଟାମୁଣ୍ଡାଇ,୨୪।୩(ସମିସ): ଆଦର୍ଶ ଥାନା ଅଧୀନ ସ୍ଥାନୀୟ ଗ୍ରାମର ଜନୈକା ମହିଳାଙ୍କୁ ୨ ଜଣ ବ୍ୟକ୍ତି ଘରେ ଜୋର ଜବରଦସ୍ତ ପଶି ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୁଲିସ ଏକ ମକଦ୍ଦମା ଦାଏର କରି ଘଟଣାର ତଦନ୍ତ ଚଳାଇଛି । ଏହି ଘଟଣା ଗତ ୧୬ ତାରିଖରେ ହୋଇଥିବା ବେଳେ ଏଥିରେ ପୁଲିସ କାହାକୁ ଗିରଫ କରିନଥିବା ଜଣାପଡିଛି । ବକ୍ତାରପୁର ଗ୍ରାମର ବାପି ପଣ୍ଡା ଓ ସୁଗୁରୀ ଜେନା ମହିଳାଙ୍କ

**ଥାନାରେ ମାମଲା**

ଘରେ ତାଙ୍କର ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଦିଅର ନଥିବା ସମୟରେ ପ୍ରବେଶ କରିଥିଲେ । ଏହି ଘଟଣା ଦିନ ପ୍ରାୟ ୧୧ଟା ସମୟରେ ଘଟିଥିଲା । ବାପି ପଣ୍ଡା ତାଙ୍କ ଶାଢୀକୁ ଟଣାଓଟରା କରି ପିନ୍ଧିଥିବା ବ୍ଲାଉଜକୁ ଚିରି ପକାଇଥିଲେ । ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବା ବେଳେ ସେ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ଝିଅକୁ ଧରି ପଦାକୁ ଦୌଡି ପଳାଇ ଆସିବାକୁ ଉଦ୍ୟମ କରୁଥିବା ବେଳେ ସୁଗୁରୀ ଜେନା ଶାଢୀକୁ ଧରି ଟାଣି ପକାଇବାରୁ ମହିଳା ଜଣକ ତଳେ ପଡ଼ିଥିଲେ ବୋଲି ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଭିତ୍ତିକରି ଥାନା କେସ ନଂ ୭୯/୨୫ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ମାମଲାର ତଦନ୍ତ ପାଇଁ ଆଇଆଇସି ବନ୍ଦନା ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ତେବେ ପ୍ରକୃତ ଘଟଣା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି ।

■ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

# ଧାରଣାରେ ବସିଲେ ଖଣନ୍ତା ପଞ୍ଚାୟତ ୱାର୍ଡ ସଭ୍ୟ



ପଟ୍ଟାମୁଣ୍ଡାଇ/ମାଳିପୁର,୨୪।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଖଣତା ପଞ୍ଚାୟତ ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି କରୁଥିବା ନେଇ ପଞ୍ଚାୟତର ୱାର୍ଡ ସଭ୍ୟ ଡମ୍ବରୁଧର ସେଠୀଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ/ସଭ୍ୟା ପ୍ରଶାନ୍ତ ସେଠୀ, ସୁଚିତ୍ରା ମଳିକ, କବିତା ରାଉତ, ଶଙ୍କର ଲେଙ୍କା, ବିଜୟ ମଳିକ, ରାମଚନ୍ଦ୍ର ପ୍ରଧାନ, ଭିକାରି ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇ ଆଜି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଘଟଣାରୁ ପ୍ରକାଶ, ୧୧ ୱାର୍ଡକୁ ନେଇ ଗଠିତ ଖଣତା ପଞ୍ଚାୟତର ସରପଞ୍ଚ ଅନିଲ କୁମାର ଲେଙ୍କା ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ୱାର୍ଡ ସଭ୍ୟଙ୍କୁ ଅଣଦେଖା କରୁଥିବା, ୱାର୍ଡ ସଭ୍ୟଙ୍କ ଦରମା ବନ୍ଦ କରିଥିବା ଓ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡ଼ପ ହେଉଥିବା ଘଟଣା ସମ୍ପର୍କରେ ୱାର୍ଡ ସଭ୍ୟ ପ୍ରତିବାଦ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଆଜି ସକାଳ ୧୦ଟା ସମୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବା ନେଇ ପଞ୍ଚାୟତ ତରଫରୁ ସରପଞ୍ଚ ସଭ୍ୟ ମାନଙ୍କୁ ନୋଟିସ ମାଧ୍ୟମରେ ଅବଗତ କରିଥିଲେ । ତେବେ ବୈଠକରେ ସଭ୍ୟମାନେ ମିଳିତ ହୋଇ ସରପଞ୍ଚଙ୍କୁ ପ୍ରତିବାଦ କରିବାକୁ ପ୍ରସ୍ତୁତି ହେଉଥିବା ଜାଣି ୧୦ଟା ସମୟକୁ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀ କାର୍ଯ୍ୟାଳୟ ଛାଡ଼ି ପଳାଇଥିଲେ । ଫଳରେ ସଭ୍ୟମାନେ ଏକଜୁଟ ହୋଇ ସରପଞ୍ଚଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସରପଞ୍ଚ ବହୁ ଦୁର୍ନୀତିରେ ସମ୍ପୃକ୍ତ ଥିବା ନେଇ ସଭ୍ୟମାନେ ଅଭିଯୋଗ କରିଥିବାବେଳେ ସରପଞ୍ଚ ଏହାକୁ ଖଣ୍ଡନ କରିଛନ୍ତି ।

# ଏରସମା ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ଏରସମା,୨୪।୩ (ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୧୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୨୧ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୮ଟି, ଭତ୍ତା ପାଇବା ପାଇଁ ୭ ଟି, ପୁଲିସ ସହାୟତା ପାଇବା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୫୬ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ, ଉପ ଜିଲ୍ଲାପାଳ, ଜଗତସିଂହପୁର, ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା, ଦାଶରଥି ଜେନା, ତହସିଲଦାର, ଏରସମା, ସ୍ନିଗ୍ଧା ସନ୍ଧ୍ୟାଞ୍ଜଳି ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

କାଳବୈଶାଖୀ ତାଣ୍ଡବ

# କୁଆପଥର ମାଡ଼ରେ ବ୍ୟାପକ ମୁଗ ଫସଲ ନଷ୍ଟ

ଡେରାବିଶ, ୨୪।୩(ସମିସ): ଆଜି ଅପରାହ୍ନରେ ଅଦିନିଆ କାଳ ବୈଶାଖୀର ତାଣ୍ଡବ ଡେରାବିଶ ବ୍ଲକ୍ ଅଞ୍ଚଳରେ ଦେଖିବାକୁ ମିଳିଛି । ଅପରାହ୍ନ ସାଢ଼େ ଚାରିଟା ବେଳେ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସି ଅନ୍ଧାର କରି ଘଡ଼ଘଡ଼ି ସହ ମୂଷଳଧାରାରେ ବର୍ଷା ହେବା ସହିତ ଖୁବ୍ ଜୋରରେ ପବନ ବହିବାରେ ଲାଗିଥିଲା । ଦୀର୍ଘ ୧ ଘଣ୍ଟା ଧରି ତାଣ୍ଡବ ରଚିଥିଲା କାଳବୈଶାଖୀ । ଛୋଟ ବଡ଼ ଗଛ ଭାଙ୍ଗିଯିବା ସହିତ ଗଛର ଡାଳ ଭାଙ୍ଗି ଲୋକଙ୍କ ଘର ଉପରେ ପଡ଼ିଥିଲା । କୁଆପଥର ମାଡ଼ ହେବା ଫଳରେ ଚାଷ ଜମିରେ ବ୍ୟାପକ ମୁଗ ଓ ବିରି ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ଶ୍ୱେତାଙ୍ଗିନୀ







## ଘର ଉପରେ ପଡ଼ିଲା ଗଛ

ଜେନାଙ୍କ ଘର ଉପରେ ଏକ ବଡ଼ ଚାଖୁଣ୍ଡା ଗଛର ଡାଳ ପଡ଼ି ଘର ଭାଙ୍ଗିଯାଇଥିଲା । ଖବର ପାଇ ଡେରାବିଶ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଶ୍ରୀମତୀ ଜେନାଙ୍କ ଘର ଉପରୁ ଏହି ଡାଳଟିକୁ କାଟି ବାହାର କରିଥିଲେ । ସେହିପରି ବାଲିଆ ପଞ୍ଚାୟତ ଅନ୍ତର୍ଗତ ଅରିଓ ଗ୍ରାମର ବିଦ୍ୟାଳୟ ନିକଟରେ ଏକ ବଡ଼ ଚାଖୁଣ୍ଡା ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା । ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଟିଣ ଛପର ଉଡ଼ି ନିକଟସ୍ଥ ଚାଖୁଣ୍ଡା ଗଛରେ ଲାଗିଥିବା ଦେଖିବାକୁ ମିଳିଛି । ସେହିପରି ଦାନପୁର ବଜାରରେ ଏକ ବଡ଼ ଓସ୍ତ ଗଛର ଡାଳପଡ଼ି ସନ୍ତୋଷ କୁମାର ପଣ୍ଡାଙ୍କ ଦୋକାନ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି । ବହୁ ସ୍ଥାନରେ ଘଡ଼ଘଡ଼ି ପଡ଼ିବା ଓ ଗଛ ପଡ଼ିବା ଯୋଗୁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ଘଟିଥିବା ଦେଖିବାକୁ ମିଳିଛି ।

# ଶରତ ଦେବଙ୍କ ଶ୍ରାଦ୍ଧ ଉତ୍ସବ ଓ ସ୍ମୃତିସଭା

ଆଳି,୨୪।୩ (ସମିସ): ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ, ବିରୋଧୀ ଦଳର ନେତା ତଥା ଆଳିର ରାଜା ସାହେବ ବିଶିଷ୍ଟ ଜନନାୟକ ସ୍ୱର୍ଗତ ଶରତ କୁମାର ଦେବଙ୍କ ଆଜି ୩୭ତମ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଛି । ଶରତ କୁମାର ଦେବ ସ୍ମୃତି କମିଟି ଆନୁକୂଲ୍ୟରେ ଏକ ସ୍ମୃତି ସଭା ଆଳି ନୂଆବଜାର ସ୍ଥିତ ଅର୍ଣ୍ଣପୂର୍ଣ୍ଣା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟିର ସଭାପତି ଜଗତାନନ୍ଦ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ଘଡ଼ାଇ ଯୋଗ ଦେଇ ସ୍ୱର୍ଗତ ରାଜାସାହେବ ଶରତ କୁମାର ଦେବଙ୍କ ଆଳି ପ୍ରତି ଥିବା ଅବଦାନ ମଧ୍ୟ ରୁ ବଡ ଅବଦାନ ହେଉଛି ପତ୍ରପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣ ଏବଂ ରାଜକନିକାର ଓଳାଭର ମହାବିଦ୍ୟାଳୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସାନପୁଅ ପୂର୍ବତନ ମନ୍ତ୍ରୀ ତଥା ଆଳିର ବିଧାୟକ ପ୍ରତାପ କେଶରୀ ଦେବ ଯୋଗ ଦେଇ ଆଧୁନିକ ଆଳି ଗଠନ ପାଇଁ ଯେଉଁ ସ୍ୱପ୍ନ ଥିଲା ତାହାକୁ ସାକାର କରିବା ନିମନ୍ତେ ସେ ନିରନ୍ତର ଲାଗି ରହିଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ ସ୍ୱର୍ଗତ ଦେବଙ୍କ



ସ୍ମୃତି ଚାରଣ କରିଥିଲେ । ଅବସରପ୍ରାପ୍ତ ଯବାନ ଗଣେଶ୍ୱର ସାମଲ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟପ୍ରଦାନ ଦେଇଥିଲେ । କମିଟିର ସମ୍ପାଦକ ଅବସରପ୍ରାପ୍ତ ଅଧାପକ ରମେଶ ଚନ୍ଦ୍ର ପଣ୍ଡା ସମ୍ପାଦକୀୟ ପାଠ କରିଥିଲେ । ଭାବଗ୍ରାହୀ କଳା ନିକେତନ ତରଫରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ପରେ ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କୁ ମାନପତ୍ର, ଉପଢୌକନ ତଥା ଫଳକ ପ୍ରଦାନ ସହିତ ବୃତ୍ତି ପରୀକ୍ଷାରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଯୁବନେତା ୨ନମ୍ବର ଜୋନ ର ଜିଲ୍ଲା ପରିଷଦ ସଭ୍ୟ ତଥା ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି, ଦେମାଳ ସରପଞ୍ଚଙ୍କ ପ୍ରତିନିଧି କୃଷ୍ଣ ଚନ୍ଦ୍ର ପରିଡା, ଯୁବ ନେତା ସୁବ୍ରତ ଦାସ, ନିର୍ମଳ ବେହେରା ଓ ପ୍ରଫୁଲ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ସମାଧିପୀଠ ଓ ଡ଼ାକବଙ୍ଗଳା ଛକରେ ଥିବା ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ, ନଗର ପରିକ୍ରମା କରାଯାଇଥିଲା । ଆଜି ସକାଳେ ଆଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଫଳ ବଣ୍ଟନ ହୋଇଥିଲା । ଶେଷରେ ଗଣେଶ୍ୱର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଜଳିଗଲା ପମ୍ପ୍ ହାଉସ୍

# ଗାଁ ଲୋକେ ପାଣି ପାଇଁ ଡହଳବିକଳ

କେନ୍ଦ୍ରାପଡ଼ା,୨୪।୩(ସମିସ): ଜଳିଗଲା ପମ୍ପ ହାଉସ୍ । ଫଳରେ ଜଳଯୋଗାଣ ସମ୍ପୂର୍ଣ୍ଣ ଠପ୍ । କେନ୍ଦ୍ରାପଡ଼ା ଜିଲା ଆୟବା ଗ୍ରାମରେ ଏବେ ପାଣି ପାଇଁ ହାହାକାର । ଗାଁରେ ଦେଢ଼ ହଜାର ଲୋକଙ୍କ ପାଇଁ ମାତ୍ର ୪ ଟି ନଳକୂପ ରହିଛି । ତାହା ଗ୍ରାମବାସୀଙ୍କ ଆବଶ୍ୟକତା ପାଇଁ ଯଥେଷ୍ଟ ନୁହେଁ । ପାନୀୟଜଳ ଯୋଗାଣ ପାଇଁ ଥିବା ପମ୍ପ ହାଉସ୍‌ରେ ନିଆଁ ଲାଗିଯିବା ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

ସୋମବାର ସକାଳୁ ପମ୍ପ୍ ହାଉସରେ ପାଣି ମଟର ଚାଲିବାର କେଇ ମିନିଟ ପରେ ହଠାତ୍ ଶବ୍ଦ ଶୁଣିବାକୁ ମିଳିଥିଲା । ପରେ ପମ୍ପ ହାଉସ୍ ଭିତରୁ ଧୂଆଁ ଉଠିଥିଲା । ଭିତରେ ହୁତହୁତ୍ ହୋଇ ଜଳିଉଠିଲା ପମ୍ପ ହାଉସ୍ । ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇ ନ ଥିବାରୁ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ସାହସ ଜୁଟାଇ ପାରିଲେନି । ଫଳରେ କିଛି ସମୟ ମଧ୍ୟରେ ଘରଟି ପୋଡ଼ି ପାଉଁଶ ହୋଇଗଲା । ଏଠାରେ ପ୍ରାୟ ୨୫ ବର୍ଷରୁ ଅଧିକ ସମୟ ଧରି ପାନୀୟଜଳ ଯୋଗାଣ ହୋଇଆସୁଛି । ଆବଶ୍ୟକ ଅନୁଯାୟୀ ବିଦ୍ୟୁତ୍ ଉପକରଣ ମରାମତି ଅଭାବରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସେତେବେଳକୁ ପାଣି ମଟର, ବିଦ୍ୟୁତ ମିଟର, ଆସବାବପତ୍ର ଜଳିଯାଇଥିଲା । ଏମିତିକି ଘରର ଛାତ ଓ କାନ୍ଥ ପୋଡି ଫାଟିଯାଇଥିବା ଦେଖିବାକୁ ମିଳିଛି । ଜଳଯୋଗାଣ ପ୍ରକଳ୍ପ ପୋଡ଼ିଯିବା ପରେ ଗାଁରେ ପାନୀୟଜଳ ଯୋଗାଣ ବ୍ୟାହତ ହୋଇଛି । ଏହି ଗାଁର ୪ ଶହ ପରିବାରର ପ୍ରାୟ ୨ ହଜାର ଲୋକ ଏହି ପାନୀୟଜଳ ଯୋଗାଣ କେନ୍ଦ୍ର ଉପରେ ନିର୍ଭର କରନ୍ତି । ଏଠାରେ ମାତ୍ର ୪ଟି ନଳକୂପ ରହିଛି । ସେଥିରୁ ଗୋଟିଏରୁ ବାହାରୁଥିବା ପାଣି ବ୍ୟବହାର ଉପଯୋଗୀ ନୁହେଁ । ୩ଟି ନଳକୂପ ଗାଁ ଲୋକଙ୍କୁ ଆବଶ୍ୟକତା ଅନୁଯାୟୀ ପାଣି ଯୋଗାଇ ପାରୁନାହିଁ । ନଳକୂପ ପାଖରେ ମହିଳାଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି । ରୋଷେଇ ଓ ପିଇବା ପାଇଁ ସ୍ୱଚ୍ଛ ପାନୀୟଜଳର ଆବଶ୍ୟକତା ଥିବାବେଳେ ପାରମ୍ପରିକ ଜଳ ଉତ୍ସ ତାହା ପୂରଣ କରିବାରେ ବିଫଳ ହୋଇଛି । ପୋଡ଼ିଯାଇଥିବା ମଟର ତୁରନ୍ତ ମରାମତି କରି ଜଳଯୋଗାଣକୁ ସ୍ୱାଭାବିକ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଲକ୍ଷ୍ମୀପ୍ରିୟା ମଲିକ୍, ରଶ୍ମିତା ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି ।

# ଆଳୁ ଟ୍ରକ୍ ଡ୍ରାଇଭରଙ୍କଠୁ ଲୁଟ୍, ଜଣେ ଗିରଫ

ଜଗତସିଂହପୁର, ୨୪।୩(ସମିସ): ସଦର ଥାନା ଅନ୍ତର୍ଗତ ନୂଆପୋଲ ନିକଟରେ ଆଳୁ ଟ୍ରକ ଡ୍ରାଇଭରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ଅଭିଯୋଗରେ ପପୁ ସିଂ ନାମକ ଜଣେ ପେଶାଦାର ଅପରାଧୀକୁ ପୁଲିସ ଗିରଫ କରିଛି । ଉକ୍ତ ଟ୍ରକ୍‌ଟି ଆଳୁ ଅନଲୋଡ଼ କରି ଫେରୁଥିବାବେଳେ ଜୟଶୋଳ ନିକଟରେ ପପୁ ଅଟକାଇ ଥିଲା । ପରେ ଡ୍ରାଇଭରଙ୍କୁ ଧମକ ଦେଇ ନୂଆପୋଲ ଶବରସାହି ନିକଟରେ ମାଡ଼ ମାରିବା ସହିତ ୧୦ ହଜର ଟଙ୍କା ଛଡ଼ାଇ ନେଇଥିଲା । ଘଟଣା ସମ୍ପର୍କରେ ଟ୍ରକ ଡ୍ରାଇଭର ଜଗତସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପପୁ ସିଂକୁ ଗିରଫ କରିଥିଲା ।

ଢିଙ୍କିଆ ପଞ୍ଚାୟତରେ ପାନୀୟଜଳ ସଙ୍କଟ

# ଜିଲ୍ଲାପାଳଙ୍କୁ ଅବଗତ କଲେ ସରପଞ୍ଚ

ପାରାଦୀପ,୨୪।୩ (ସମିସ): ଢିଙ୍କିଆ ପଞ୍ଚାୟତରେ ପାନୀୟଜଳ ସଂକଟ ନେଇ ସରପଞ୍ଚ ପିଙ୍କି ଦାସ ଆଜି ଜଗତସିଂହପୁର ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି । ପଞ୍ଚାୟତରେ ଦୀର୍ଘଦିନ ଧରି ପାନୀୟଜଳର ଘୋର ସଙ୍କଟ ଦେଖାଦେଇଛି । ତ୍ରିଲୋଚନପୁର, ମାହାଳରେ ଯେଉଁ ଦୁଇଟି ପାନୀୟଜଳ ପ୍ରକଳ୍ପ ହୋଇଥିଲା, ଲୁଣା ପଡିବାରୁ ଦୁଇ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭାରତୀୟ ତୈଳ ବିଶୋଧନାଗାରରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଥିଲା । ପରିତାପର ବିଷୟ କମ୍ପାନୀ ଅଞ୍ଚଳବାସୀଙ୍କ ଚାଷଜମି ନେଇ କାରଖାନା କରିଥିଲେ ମଧ୍ୟ ନିୟମିତ ପାନୀୟଜଳ ଯୋଗାଉନାହାନ୍ତି । ଏବେ ପାନୀୟଜଳ ଯୋଗାଣ ବନ୍ଦ କରିଛନ୍ତି । ବ୍ଲକ ପକ୍ଷରୁ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ଦ୍ୱାରା ଦୁଇ ଗ୍ରାମବାସୀ ସଠିକ୍ ଭାବେ ପାଣି ପାଇପାରୁନାହାନ୍ତି । ଢିଙ୍କିଆରେ ଯେଉଁ ପ୍ରକଳ୍ପ ଅଛି ସେଠାରୁ ଯଦି ସ୍ୱତନ୍ତ୍ର ପାଇପ ଯୋଗେ ଦୁଇ ଗ୍ରାମକୁ ଯୋଗାଇ ଦିଆଯାଆନ୍ତା, ଦୁଇ ଗ୍ରାମବାସୀଙ୍କ ଜଳ ସଙ୍କଟ ଦୂର ହୋଇପାରନ୍ତା । ତୈଳ ନିଗମ କିଭଳି ଏହି ପଞ୍ଚାୟତକୁ ଯୋଗ୍ୟ ପଞ୍ଚାୟତ ଭାବେ ଗ୍ରହଣ କରିବ, ତାହାର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ସରପଞ୍ଚ ପିଙ୍କି ଦାସ ନିବେଦନ କରିଥିଲେ ।

● ଜାତୀୟ ନାଟ୍ୟ ମହୋତ୍ସବର ୬ଷ୍ଠ ସଂଧ୍ୟା

# ମଞ୍ଚସ୍ଥ ହେଲା ନାଟକ 'ଲୁହର ରଙ୍ଗ'

ପାରାଦୀପ,୨୪।୩ (ସମିସ): ବନ୍ଦର ନଗରୀ ପାରାଦୀପରେ କ୍ୟାନମାସ ଦ୍ୱାରା ଜୟଦେବ ସଦନଠାରେ ଆୟୋଜିତ କ୍ୟାନଫେଷ୍ଟ-୨୦୨୫ର ୬ଷ୍ଠ ସନ୍ଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ ଦେଓଗଡ଼ର କଳାକାର ମାନେ ସୁଜିତ୍ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରିଥିଲେ ଓଡ଼ିଆ ନାଟକ "ଲୁହର ରଙ୍ଗ' । ସ୍ତ୍ରୀକୁ ହରାଇଥିବା ଜଣେ ପ୍ରବୀଣ ଚିତ୍ରକର ରାଇମୋହନ ପ୍ରାୟତଃ ରଙ୍ଗ ଓ ତୂଳୀ ଛାଡ଼ି ଦେଇ ହାତରେ ମଦ ବୋତଲ ଧରି ଅକାଳରେ ବିଧବା ହୋଇଥିବା ଝିଅର ଶାଶୁ ଘରୁ ଅପ୍ରତ୍ୟାଶିତ ଫେରିବା ଦେଖି ନିରାଶ ହୋଇଛନ୍ତି । ସେ ସର୍ବଦା ତାଙ୍କ ବିଧବା ଝିଅ କଳ୍ପନାଙ୍କ ଭଙ୍ଗା ଜୀବନକୁ ପୁନଃସ୍ଥାପନ କରିବା ଓ ତାଙ୍କ ଝିଅକୁ ଏକ ଉପଯୁକ୍ତ ଜୀବନସାଥି ଯୋଗାଇବା ବିଷୟରେ ଚିନ୍ତା କରନ୍ତି । ଏହି ସମୟରେ ଯୁବ ଚିତ୍ରଶିଳ୍ପୀ ଅବିନାଶ ଗୁରୁ ରାଇମୋହନଙ୍କ ପରିବାର ସଂସ୍ପର୍ଶରେ ଆସନ୍ତି ଓ ଅବିନାଶ ଏବଂ କଳ୍ପନା ପ୍ରେମରେ ପଡି ଯାଆନ୍ତି । ଅବିନାଶ ତାଙ୍କ ବନ୍ଧୁ ଅଭିଷେକ ସମ୍ମୁଖରେ ଗୁପ୍ତ ଭାବରେ ତାଙ୍କ ପ୍ରେମ ସମ୍ବନ୍ଧରେ ପ୍ରକାଶ କରନ୍ତି । ଅଭିଷେକ ଏହି କଥା ରାଇମୋହନଙ୍କୁ କହି ପାରିଲେ ନାହିଁ । ଏହି ସମୟରେ ରାଇମୋହନଙ୍କ ପଡୋଶୀ ପ୍ରବଚକ ଦିଲୀପ ବାବୁ ତାଙ୍କ ସାନ ଝିଅକୁ ମାତୃତ୍ୱର ସ୍ନେହ ପ୍ରଦାନ କରିବା ପାଇଁ କଳ୍ପନାଙ୍କୁ ବିବାହ କରିବାକୁ ରାଜି ହୁଅନ୍ତି । ଅବିନାଶଙ୍କ ହୃଦୟ ଭାଙ୍ଗି ଯାଏ ଓ ସେ ହତାଶାରେ ଭୁବନେଶ୍ୱର ଚାଲି ଯାଆନ୍ତି । ସେ ତାଙ୍କ ଚିତ୍ରକଳା ପାଇଁ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପୁରସ୍କାର ପାଆନ୍ତି । ତା ପରେ ପରିସ୍ଥିତି ଭିନ୍ନ ମୋଡ଼ ନିଏ । ଦିଲୀପ ବାବୁ ଚାକିରିରୁ ଇସ୍ତଫା ଦିଅନ୍ତି ଏବଂ ଝିଅ ମିନିର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ପରେ ସେ ବୃନ୍ଦାବନ ଚାଲିଯାଆନ୍ତି । ଏପରି ଏକ ଗମ୍ଭୀର ସମୟରେ କଳ୍ପନା ସମସ୍ତଙ୍କୁ ହରାଇ ନିରାଶ ହୋଇ ଆତ୍ମହତ୍ୟା କରନ୍ତି । ଅବିନାଶ ରାଇମୋହନଙ୍କ ଝିଅ ସହିତ ତାଙ୍କର ସମ୍ପର୍କ ବିଷୟରେ ତାଙ୍କର ପୂର୍ବ କଳ୍ପିତ ଉଦ୍ଦେଶ୍ୟ ପ୍ରକାଶ କରନ୍ତି । ରାଇମୋହନ ଶୁଣି ଦୁଃଖିତ ହୁଅନ୍ତି ଓ ଲୁହରେ ଦାଗ ହୋଇଥିବା ବ୍ରସ୍ ଅବିନାଶଙ୍କୁ ଦିଅନ୍ତି । ସେ ତାଙ୍କୁ କଳ୍ପନାଙ୍କ କପାଳରେ ସିନ୍ଦୂର ଲଗାଇବାକୁ ଅନୁମତି ଦିଅନ୍ତି । ନାଟକରେ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ଅନେକ ସମୟ ଧରି ବାନ୍ଧି ରଖିଥିଲା । ଅତିଥି ଭାବେ ଯୋଗଦାନ କରି ବନ୍ଦରର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି ବି ଦାସ, ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ ଅଲେଖ ସାହୁ କଳାକାରମାନଙ୍କୁ ସମ୍ମାନିତ କରିଥିଲେ । ୭ମ ସନ୍ଧ୍ୟାରେ ବେଙ୍ଗଲ ରିପରଟରୀ, କଲିକତାର କଳାକାର ମାନେ ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର ମଞ୍ଚନ କରିବେ ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ପଞ୍ଚୁପାଣ୍ଡବ,୨୪।୩(ସମିସ):ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଖମାର ଗ୍ରାମର ଧର୍ମପ୍ରାଣା ମହିଳା ଶକୁନ୍ତଳା କର(୮୪)ଙ୍କ ଦେହାନ୍ତ ହୋଇଯାଇଛି । ଶକୁନ୍ତଳାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ସମୟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁଅ ଚିତ୍ତରଞ୍ଜନ କର ମୁଖାଗ୍ନି ଦେଇଥିଲେ ।

# ମିଳିତ ଅଭିଯୋଗ ଶୁଣାଣି ଶିବିର, ୧୫୫ ଅଭିଯୋଗ ପଞ୍ଜୀକୃତ



କେନ୍ଦ୍ରାପଡା,୨୪।୩(ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ଗ୍ରାମ ପଞ୍ଚାୟତଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଦ୍ଧାରିତ ସମୟ ପରିବର୍ତ୍ତେ ପୂର୍ବାହ୍ନ ସାଢେ ୮ଟା ଠାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ମହାକାଳପଡ଼ା ବିଡିଓ, ମହାକାଳପଡ଼ା ତହସିଲଦାର, ଡେପୁଟି କଲେକ୍ଟର ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୫୫ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥି ମଧ୍ୟରୁ ୨୧ ଗୋଟି ସାମୂହିକ ଏବଂ ୧୩୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୨୫ ହଜାର ଟଙ୍କା ୩ ଜଣ ଆବେଦନକାରୀଙ୍କୁ ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି । ଏହି ଅଭିଯୋଗ ଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ଅଭିଯୋଗ କଲେ କେହି ଶୁଣୁନାହାନ୍ତି

# ଜିଲ୍ଲାପାଳଙ୍କ ଜନଶୁଣାଣିରେ ବାକ୍ସ ମୁଣ୍ଡାଇ ପହଞ୍ଚିଲେ ଯୁବକ

ମହାକାଳପଡ଼ା,୨୪।୩(ସମିସ): ବିଭିନ୍ନ ସମସ୍ୟାକୁ ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କେହି ଶୁଣୁନାହାନ୍ତିୟ । ଏମିତିକି ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଖାତିର କରୁନି । ଶେଷରେ ବାଧ ହୋଇ ଜଣେ ଯୁବକ ନିଆରା ଢଙ୍ଗରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ରାଜଗଡ଼ଠାରେ ଚାଲୁଥିବା ବେଳେ ସୋମବାର ଜଣେ ଯୁବକ ଶିବିରର ଶେଷାର୍ଦ୍ଧରେ ଏକ କାଗଜପତ୍ର ଭର୍ତ୍ତି ହୋଇଥିବା ଏକ ଦସ୍ତା ବାକ୍ସକୁ ମୁଣ୍ଡରେ ରଖି ଚାଲି ଚାଲି ଆସି ଶିବିରରେ ପହଞ୍ଚିଥିଲେ । ଉକ୍ତ ଯୁବକଙ୍କ ନାମ ସତ୍ୟବ୍ରତ ଦାଶ ଓ ସେ ବିଜୟନଗର ଗ୍ରାମର ଅଞ୍ଚଳର ବାସିନ୍ଦା । ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ



ସତ୍ୟବ୍ରତ ବାକ୍ସଟିକୁ ତଳେ ରଖି ଏହାକୁ ଖୋଲିଥିଲେ । ସେଥିରେ କାଗଜପତ୍ର ଭର୍ତ୍ତି ହୋଇଥିବାର ଦେଖିବାକୁ ମିଳିଥିଲା । ସମଗ୍ର ବିଜୟନଗର ପଞ୍ଚାୟତରେ ଅନେକ ସମସ୍ୟା ରହିଛି ହେଲେ, ଏହାର ସମାଧାନ ହୋଇପାରୁନାହିଁ । ତେଣୁ ଅଭିଯୋଗ ପତ୍ର ଗୁଡ଼ିକୁ ବାକ୍ସରେ ପୁରାଇ ଆଣିଛନ୍ତି ବୋଲି ଯୁବକ ଜଣକ କହିଥିଲେ । ତେବେ ସେ ନିର୍ଦ୍ଦିଷ୍ଟ ଭାବରେ ନିଜ ଗ୍ରାମର ଜଣେ ସରକାରୀ ଶିକ୍ଷକଙ୍କ ବିରୋଧରେ କେତେକ ଅଭିଯୋଗ କରିଥିଲେ । ପୂର୍ବରୁ ମଧ୍ୟ ସେ ଏହି ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨୪।୩(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆଠାରେ ସୋମବାର ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ ମେଳାରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଲିତା ଦାସ, ସାଂସଦଙ୍କ ପ୍ରତିନିଧି ଭାବେ ଆଡ୍‌ଭୋକେଟ ଦୁର୍ଯ୍ୟୋଧନ ସାହୁ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ମେଳାକୁ ଉଦ୍‌ଘାଟନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ । ଉକ୍ତ ଜିଲ୍ଲାସ୍ତରୀୟ ମେଳା ୨୮ ତାରିଖ ପର୍ଯ୍ୟନ୍ତ ୫ ଦିନ ଚାଲୁରହିବ । କୃଷକ ମାନଙ୍କୁ ଉନ୍ନତ କୃଷି ନିମନ୍ତେ କୃଷି ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସେ ମତ ପ୍ରକାଶ କରିଥିଲେ । ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟର ସୁଯୋଗ ଚାଷୀମାନେ ପାଇବା ସହ ଏଠାରେ କୃଷକମାନେ ଆଧୁନିକ ଜ୍ଞାନ କୌଶଳର ପ୍ରଶିକ୍ଷଣ ପାଇପାରିବେ ବୋଲି ମୁଖ୍ୟ ଅତିଥି ମତ ବ୍ୟକ୍ତ କରିଥିଲେ ।

ଉକ୍ତ ମେଳାରେ ୫୦ଟି ଷ୍ଟଲରେ କୃଷି ସହିତ ଜଡ଼ିତ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି । ଏହି ଅବସରରେ ଉନ୍ନତ କୃଷି ଯନ୍ତ୍ରପାତି ବ୍ୟବହାର କରି କୃଷି ଦ୍ରବ୍ୟ ଉତ୍ପାଦନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିବା ୩ ଜଣ କୃଷକଙ୍କୁ ପୁରସ୍କୃତ କରାଯାଇଥିଲା ଓ ୫ ଜଣଙ୍କୁ ମଧ୍ୟ ଟ୍ରାକ୍ଟର ଚାବି ପ୍ରଦାନ କରି କୃଷକ ସଶକ୍ତିକରଣ ନିମନ୍ତେ ପ୍ରୋତ୍ସାହିତ କରାଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ନାଗ ସାପ ଉଦ୍ଧାର

ପାରାଦୀପ, ୨୪।୩ (ସମିସ) : ପାରାଦୀପ ଉପକଣ୍ଠ ଗୋପୀଆକୁଦ ପଞ୍ଚାୟତର ଗୋଠଡିଆ ଗ୍ରାମର ଶିବଚରଣ ସମାଲଙ୍କ ଶୋଇବା ଘର ଝରକା ନିକଟରୁ ଏକ ନାଗସାପକୁ ଉଦ୍ଧାର କରାଯାଇଛି । ସାପଟିର ଲମ୍ବ ୪ ଫୁଟ ହେବ ବୋଲି ଜଣାପଡିଛି । ତେବେ ସାପଟି ଚାଳଛପର ଘର ଯେଉଁଟା କି ଶୋଇବା ଘରର ଝରକାରେ ଲାଗିଥିଲା । ଏହି ଝରକାରେ ଜାଲ ଦିଆ ଯାଇଥିବାରୁ ସାପଟି ଘରକୁ ପଶି ନପାରି ଜାଲରେ ଲାଗିଥିଲା । ସ୍ଥାନୀୟ ଗ୍ରାମବାସୀ କୁଜଙ୍ଗ ଅଞ୍ଚଳର ଜଣାଶୁଣା ସାପ ଧରାଳି ପ୍ରଭାତ କୁମାର ବେହେରାଙ୍କୁ ଯୋଗାଯୋଗ କରିଥିଲେ । ପ୍ରଭାତ ସାପକୁ ଉଦ୍ଧାର କରିଥିଲେ ।

## ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ ଶିବିର



**ଢେଙ୍କାନାଳ, ୨୪।୩(ସମିସ):** ସଦର ବ୍ଲକ ଅନ୍ତର୍ଗତ କାଇମାଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ଆହ୍ୱାନ କ୍ରମେ ରାଜ୍ୟସ୍ତରୀୟ ଅଣତାଲିମ୍‌ପ୍ରାପ୍ତ ପରାମର୍ଶଦାତାମାନଙ୍କ ତାଲିମ୍ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଶିବିରରେ ଜିଲ୍ଲାର ୮ ବ୍ଲକରୁ ୬୦ଜଣ ପରାମର୍ଶଦାତା ଯୋଗଦେଇଥିଲେ। ସଦର ଏବିଇଓ ଶତ୍ରୁଘ୍ନ ଖଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ରେଡ୍‌କ୍ରସ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ପରାମର୍ଶଦାତାଙ୍କ ମଧ୍ୟରେ ସେବା ମନୋବୃତ୍ତି ଜାଗ୍ରତ କରିବା ସହ ରକ୍ତଦାନ କରିବାକୁ ପରାମର୍ଶ ଦେଇଥିଲେ। ଜୁନିୟର ରେଡ୍‌କ୍ରସ୍ ସାଧନ କର୍ମୀ ନରେଶ କୁମାର ମହାରଣା, ବିପିନ୍ ବିହାରୀ ଶତପଥୀ, ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ସୁବ୍ରତ କୁମାର ମିଶ୍ର ଶିକ୍ଷକମାନଙ୍କୁ ରେଡ୍‌କ୍ରସ୍‌ର ଇତିହାସ, ପତାକା ଉତ୍ତୋଳନ ଓ ଅବତରଣ ଆଦି ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଛି।

**ଦୁଇ ଗୋଷ୍ଠୀ ବିବାଦ**

# ସିଂହଡ଼ା ଗ୍ରାମରେ ଦଶଦୋଳ ପର୍ବ ବନ୍ଦ

**ପରଜଙ୍ଗ, ୨୪।୩(ସମିସ)**



ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତର ସିଂହଡ଼ା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦକୁ ଦୃଷ୍ଟିରେ ରଖି ଗ୍ରାମରେ ଦଶଦୋଳ ପର୍ବ ପାଳନ ବନ୍ଦ କରି ଦିଆଯାଇଛି। ଗ୍ରାମରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବା ସହ ୧୬୩ ଧାରା ଜାରି କରାଯାଇଛି।

ଗ୍ରାମରେ ଦୀର୍ଘବର୍ଷ ଧରି ଏକାଠି ହୋଇ ଦଶଦୋଳ ପର୍ବ ପାଳନ ହୋଇଆସୁଥିଲା। ତେବେ ୯ ବର୍ଷ ତଳେ ଗ୍ରାମରେ ରାଧାକୃଷ୍ଣଙ୍କ ବିମାନ ପରିକ୍ରମାକୁ କେନ୍ଦ୍ରକରି ତଳସାହି ଓ ଉପର ସାହି ମଧ୍ୟରେ ବିବାଦ ଉପୁଜିଥିଲା। ଫଳରେ ସେହିଦିନଠାରୁ ଦୁଇ ସାହି ମଧ୍ୟରେ ତିକ୍ତତା ବଢ଼ିଯାଇଥିଲା। ପରେ ଗାଁ ଚଉପାଢ଼ୀରେ ପ୍ରଶାସନ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଲକ୍ଷ୍ମଣ ଗାର ଟଣାଯାଇ ୨ ସାହିକୁ ଅଲଗା କରାଯାଇଥିଲା। ଆଜକୁ ୯ ବର୍ଷ ଧରି ଅଲଗା ଅଲଗା ଯାତ୍ରା ଏହି ଗୋଟିଏ ଦିନରେ ହେଉଥିଲେ ମଧ୍ୟ ଏ ବର୍ଷ ଯାତ୍ରାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଗ୍ରାମକୁ ଏକତ୍ରିତ କରି ପରସ୍ପର ମଧ୍ୟରେ ସୁସମ୍ପର୍କ ରଖିବା ପାଇଁ ଅନେକ ଥର ପ୍ରୟାସ କରାଯାଇଥିଲେ ମଧ୍ୟ ଉଭୟ ସାହି ଜିଦ୍‌ରେ ଅଟଳ ରହି ଅଲଗା ରହିଥିଲେ। ଏ ବର୍ଷ ଏକାଠି ହୋଇ ଯାତ୍ରା କରିବାକୁ ପ୍ରଶାସନ ସବୁ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ଶେଷରେ ନିରାଶ ହେବାକୁ ପଡ଼ିଛି। ଉଭୟ ସାହି ମଧ୍ୟରେ ଲାଗି ରହିଥିବା ବିବାଦ ସମାଧାନ କରାଯାଇ ଯାତ୍ରା ଏକାଠି କରିବା ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ଡକାଯାଇଥିଲେ ସୁଦ୍ଧା ଏଥିରେ ଗୋଟିଏ ସାହି ଅସହଯୋଗ କରିବାରୁ ସମାଧାନର କୌଣସି ବାଟ ବାହାରିପାରି ନ ଥିଲା। ଫଳରେ ଏ ବର୍ଷ ଯାତ୍ରାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ପ୍ରଶାସନ ପକ୍ଷରୁ ଯାତ୍ରାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଗ୍ରାମର ଉଭୟ ଦୋଳ ମଣ୍ଡପ, ଗାଁ ଚଉପାଢ଼ୀ ଓ କାଣ୍ଟବାଡ଼ରେ ୨ ଦିନ ତଳେ ପ୍ରଶାସନ ପକ୍ଷରୁ ଯାତ୍ରା ବନ୍ଦ ପାଇଁ ନୋଟିସ୍ ଲଗାଯାଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ୨୫ ତାରିଖ ପର୍ଯ୍ୟନ୍ତ ଗ୍ରାମରେ ୧୬୩ ଧାରା ଜାରି କରାଯାଇଥିବା ବେଳେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ଏସଡିପିଓ ଜ୍ଞାନରଞ୍ଜନ ମିଶ୍ର,

**● ପୁଲିସ ଫୋର୍ସ ମୁତୟନ**
**● ୧୬୩ ଧାରା ଜାରି**

ଆଇଆଇସି ପ୍ରିୟବ୍ରତ ଦାସ, ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମଦନ ମୋହନ ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ କରାଯାଇ କଡ଼ା ପ୍ରହରା ଦିଆଯାଉଛି। ଗାଁରେ ହୋଇଆସୁଥିବା ବହୁ ବର୍ଷର ପରମ୍ପରା ଭଙ୍ଗ ହୋଇଛି। ଯାତ୍ରା ଦିନ ଗାଁରେ ଗହଳିଚହଳି ଲାଗି ରହିବା ପରିବର୍ତ୍ତେ ଖାଁ ଖାଁ ହୋଇଛି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



**କାମାକ୍ଷାନଗର, ୨୪।୩(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନାରେ ନୂତନ ଥାନା ଅଧିକାରୀ ଭାବେ ଆଶିଷ କୁମାର ଜେନା ସୋମବାର ଯୋଗଦେଇଛନ୍ତି। କାମାକ୍ଷାନଗର ଥାନା ଅଧିକାରୀ ଧୀରେନ ବେହେରାଙ୍କର ପରଜଙ୍ଗ ଥାନାକୁ ବଦଳି ହୋଇଥିବା ବେଳେ ନୂତନ ଥାନା ଅଧିକାରୀ ଜେନା ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନାରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ଏହି ଅବସରରେ ନୂତନ ଥାନା ଅଧିକାରୀ ଜେନା ଶାନ୍ତିଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଲୋକଙ୍କୁ ସଠିକ ନ୍ୟାୟ ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଆବାସ ଗୃହ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି



**ଢେଙ୍କାନାଳ, ୨୪।୩(ସମିସ):** ଭୁବନ ବ୍ଲକ ଜିରାଳ ପଞ୍ଚାୟତର ଗରିବ ବିଧବା ହରିଜନ ମହିଳା ରତନୀ ମଳିକ ଆବାସ ଘର ଖଣ୍ଡେ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ନିବେଦନ କରିଛନ୍ତି। ଆଜକୁ ୧୬ବର୍ଷ ହେବ ତାଙ୍କ ସ୍ୱାମୀ ଗଦାଧର ମଳିକଙ୍କ ମୃତ୍ୟୁ ଘଟିଛି। ବହୁବାର ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ତାଙ୍କର ଆବାସ ଗୃହ ହୋଇପାରୁ ନାହିଁ। ଝାଟିମାଟି ଘରକୁ ମଧ୍ୟ ସେ ସଜାଡ଼ି ପାରୁନାହାନ୍ତି। ବର୍ଷା ହେଲେ ଅନ୍ୟ ବାରଣ୍ଡାରେ ଛୁଆପିଲାଙ୍କୁ ଧରି ଆଶ୍ରୟ ନେଉଛନ୍ତି। ତାଲିକାରେ ତାଙ୍କ ନାମ ପ୍ରକାଶ ପାଇଥିଲେ ମଧ୍ୟ ବାରମ୍ବାର ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେଲେ ସେ ପିଲାଛୁଆଙ୍କ ସହ ବସବାସ କରିପାରିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

## ପ୍ରାକୃତିକ କୃଷି ସମ୍ପର୍କିତ ତାଲିମ ଶିବିର




**ଗଁଦିଆ, ୨୪।୩(ସମିସ):** ସ୍ଥାନୀୟ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରାକୃତିକ କୃଷି ସମ୍ପର୍କିତ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ଡ. ଦିବ୍ୟସୁନ୍ଦର କର, କ୍ଷେତ୍ର ବୈଜ୍ଞାନିକ ଶ୍ରୀକାନ୍ତ ସାହୁ, ପ୍ରାଣୀବିଜ୍ଞାନୀ ଡ. ରେଣୁବାଳା ନାଏକ, ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ସଂଘମିତ୍ରା ସାହୁ ନିଜ ବିଷୟ ଉପରେ ତଥ୍ୟ ପ୍ରଦାନ କରିଥିଲେ। କୃଷକମାନେ ପ୍ରାକୃତିକ କୃଷି ଉପରେ ଜ୍ଞାନ ହାସଲ କରିବା ଏହାକୁ ଉପଯୋଗ କରିବାକୁ କହିଥିଲେ। ପ୍ରାକୃତିକ କୃଷିରେ ବ୍ୟବହୃତ ବିଭିନ୍ନ ଉପାଦାନ ଉପରେ ଆଲୋଚନା କରାଯାଇଥିଲା। ଶିବିରରେ ଜିଲ୍ଲାର ୪୦ ଜଣ ଚାଷୀ ଯୋଗଦେଇଥିଲେ।

## ମାଙ୍କଡ଼ ଆକ୍ରମଣରେ ଶିକ୍ଷକ ଗୁରୁତର



**ଢେଙ୍କାନାଳ, ୨୪।୩(ସମିସ):** ସଦର ବ୍ଲକ କାକୁଡ଼ିଭାଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ମାଙ୍କଡ଼ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ତେବେ ଛାତ୍ରଛାତ୍ରୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି।

**ବର୍ତ୍ତିଲେ ଛାତ୍ରଛାତ୍ରୀ**

ବିଦ୍ୟାଳୟରେ ପ୍ରାର୍ଥନା ସଭା ଚାଲୁଥିବା ସମୟରେ କେତେକ ମାଙ୍କଡ଼ ବିଦ୍ୟାଳୟ ପରିସରରେ ପଶି ଉପଦ୍ରବ ଆରମ୍ଭ କରିଥିଲେ। ଫଳରେ ଛାତ୍ରଛାତ୍ରୀ ନିଜନିଜ ଶ୍ରେଣୀଗୃହକୁ ଦୌଡ଼ି ପଳାଇଥିଲେ। ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନପତ୍ର ଦିଆଯାଉଥିବା ସମୟରେ ଶ୍ରେଣୀଗୃହ ମଧ୍ୟକୁ ଏକ ମାଙ୍କଡ଼ ପ୍ରବେଶ କରି ସେଠାରେ ଉପସ୍ଥିତ ସହକାରୀ ଶିକ୍ଷକ ଦିଲୀପ କୁମାର ସାହୁଙ୍କୁ ଆକ୍ରମଣ କରିଥିଲା। ଫଳରେ ଶିକ୍ଷକ ସାହୁଙ୍କ ଗୋଡ଼ରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପୂର୍ବରୁ ମଧ୍ୟ ଏପରି ଭାବେ ମାଙ୍କଡ଼ମାନେ ବିଦ୍ୟାଳୟରେ ପଶି ଆତଙ୍କ ସୃଷ୍ଟି କରିବା ସହିତ ଛାତ୍ରଛାତ୍ରୀଙ୍କୁ ଗୋଡ଼ାଇ କାମୁଡ଼ିଥିବା ନଜିର ରହିଛି। ବନ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ନେଇ କଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ମାଙ୍କଡ଼ମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଗ୍ରାମବାସୀ ସେମାନଙ୍କୁ ବିଦ୍ୟାଳୟକୁ ନ ଛାଡ଼ିବାକୁ ମନସ୍ଥ କରିଛନ୍ତି। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଚନ୍ଦ୍ରଶେଖର ମହାଦେବଙ୍କ ରତ୍ନମୁଦ ଉତ୍ସବ



**ପରଜଙ୍ଗ, ୨୪।୩(ସମିସ):** ପରଜଙ୍ଗ ପଞ୍ଚାୟତ ଜହ୍ନପଡ଼ା ଗ୍ରାମରେ ନବନିର୍ମିତ ବାବା ଚନ୍ଦ୍ରଶେଖର ମହାଦେବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ସୋମବାର ଭୋର ୫ଟାରେ ୧୦୮ ପୁରୁଷ ଓ ମହିଳା ଘଣ୍ଟ, ଶଙ୍ଖ ଓ ନାମସଂକୀର୍ତ୍ତନ କରି ବ୍ରାହ୍ମଣୀ ନଦୀରୁ ଜଳ କଳସ ଧରି ଶୋଭାଯାତ୍ରାରେ ଆସି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ପୂଜକ ବାନାବର ପଣ୍ଡା ଓ ଶିଶିର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ସୂର୍ଯ୍ୟପୂଜା, ନବଗ୍ରହ ପୂଜା, ପାର୍ଶ୍ୱଦେବତା ପୂଜା ପରେ ପୂର୍ବାହ୍ନ ୧୧ଟାରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ଅଖପାଖ ଗ୍ରାମରୁ ୧୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନ କରିଥିଲେ। ଆଖପାଖ ଗ୍ରାମରେ ଥିବା ବିଭିନ୍ନ ଶୈବପୀଠର ପରିଚାଳନା କମିଟି ସଭାପତି ଓ ସମ୍ପାଦକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉପସ୍ଥିତ ଥିବା ଶତାଧିକ ଶ୍ରଦ୍ଧାଳୁ ଓ ନିମନ୍ତ୍ରିତ ଅତିଥିଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଅଜୟ କୁମାର ନାୟକ ଏବଂ ଜହ୍ନପଡ଼ା ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ ଚାଲିଥିଲା। କର୍ତ୍ତା ଭାବେ ସର୍ବେଶ୍ୱର ସାହୁ କାର୍ଯ୍ୟ ତୁଲାଇଥିଲେ। ଅପରାହ୍ନ ୧ଟାରେ ରତ୍ନମୁଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ଅର୍ପିତ ଧାନ, ସୁନା, ରୁପା, ତମ୍ବା, ପିତଳ, କଂସା, ଶିଶା ଆଦି ମନ୍ଦିର ଚୂଡ଼ାରେ ଢଳାଯାଇଥିଲା।

## ମହିମାଗାଦିରେ ଦେବେନ୍ଦ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଯୋରନ୍ଦା, ୨୪।୩(ସମିସ):** ଯୋରନ୍ଦା ଓଟିଡିସି ଅତିଥି ଭବନରେ ମହିମାଗାଦି ଆଞ୍ଚଳିକ ବିକାଶ ପରିଷଦ ଆନୁକୂଲ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମିଟି ଆବାହକ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପରିଷଦର ବରିଷ୍ଠ ସଭ୍ୟ ପ୍ରାଣବନ୍ଧୁ ନାୟକ ସଭାପତିତ୍ୱରେ କରିଥିଲେ। ଏଥିରେ ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମଟି, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭ୍ୟମାନେ ଯୋଗଦେଇ ଶୋକ ପ୍ରକାଶ କରିଥିଲେ। ବରିଷ୍ଠ ମହିମା ସନ୍ନ୍ୟାସୀ ସୁଶାନ୍ତ ବାବା ଓ ଅବଧୂତ ସୁବ୍ରତ ବାବା ଅଖଣ୍ଡ ବତି ଲଗାଇ ସ୍ୱର୍ଗତ ପ୍ରଧାନଙ୍କ ଆତ୍ମାର ସଦଗତି କାମନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇତିଲା। ମୁଖ୍ୟବକ୍ତା ଭାବେ ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମଟି ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର, ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ମଙ୍ଗୁଳି ଚରଣ ବିଶ୍ୱାଳ, ଅମରେନ୍ଦ୍ର ମଲ୍ଲ, ଶରତ କୁମାର ପ୍ରଧାନ, ମନୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ବିକାଶ ପରିଷଦ ବରିଷ୍ଠ ସଭ୍ୟ ଯୁଧିଷ୍ଠିର ମହାନ୍ତି, ଶରତ ରାଉତ, ପ୍ରକାଶ ରାଉତ, ବସନ୍ତ ପାତ୍ର, ମହିମାଗାଦି ବ୍ଲକ କ୍ରିୟାନୁଷ୍ଠାନ କମିଟିର ପୀତବାସ ରାଉତ, ଶରତ କୁମାର ରାଉତ, ଗୋକୁଳ ଚନ୍ଦ୍ର ସାହୁ, ନିରଞ୍ଜନ ପତି, ଧର୍ମାନନ୍ଦ



ରାଉତ, ଦିଗମ୍ବର ସାହୁ, ଅଭିମନ୍ୟୁ ବେହେରା, ରବି ନାଥ, ବିଦ୍ୟାଧର ନାଥ, ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନେତ୍ରାନନ୍ଦ ରାଉତ, ବିଦ୍ୟାଧର ବେହେରା, ଶ୍ରୀବତ୍ସ ମହାନ୍ତି, ବିପିନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦ ଚନ୍ଦ୍ର ମହାନ୍ତି, ପ୍ରହଲ୍ଲାଦ ସାହୁ ଓ ଅଜୟ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯଦୁନନ୍ଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍ଧାର ବୃଦ୍ଧାଙ୍କୁ ପୁଣି ଅସହାୟ ଭାବେ ଛାଡ଼ିଦେଲା ସଖୀକେନ୍ଦ୍ର

**ହିନ୍ଦୋଳ, ୨୪।୩(ସମିସ):** ହିନ୍ଦୋଳ ଉପଖଣ୍ଡର ରାସୋଳ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ ଜନ ମଙ୍ଗଳ ଗତ ୧୮ ତାରିଖ ନୂଆକୋଟ ଗ୍ରାମର ଅସହାୟ ବୃଦ୍ଧା କାଇଁଚ ବେହେରାଙ୍କୁ ହିନ୍ଦୋଳ ଆଦର୍ଶ ବିଦ୍ୟାଳୟ ନିକଟ ଏକ ବନ୍ୟଜନ୍ତୁ ଓ ହାତୀପ୍ରବଣ ଅଞ୍ଚଳରୁ ଉଦ୍ଧାର କରି ଢେଙ୍କାନାଳସ୍ଥିତ ସଖୀ କେନ୍ଦ୍ରରେ ଜିମା ଦେଇଥିଲେ। ତେବେ ରବିବାର ସଖୀ କେନ୍ଦ୍ର କର୍ମଚାରୀମାନେ କାଇଁଚଙ୍କୁ ପୁଣି ତାଙ୍କ ନିଜ ଗ୍ରାମ ନୂଆକୋଟ ପରିବର୍ତ୍ତେ ପୁନଶ୍ଚ

**ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା**



ଜଙ୍ଗଲ ପରିବେଷ୍ଟିତ ଏକ କମ୍ୟୁନିଟି ସେଣ୍ଟରରେ ଛାଡ଼ି ଦେଇଛନ୍ତି। ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ଲୋକଙ୍କ କଲ୍ୟାଣ ପାଇଁ ଆରମ୍ଭ କରାଯାଇଥିବା ବେଳେ କାଇଁଚ ଭଳି ଜଣେ ମାନସିକ ଅନଗ୍ରସର ବୃଦ୍ଧାଙ୍କୁ ଏଭଳି ନିକାଞ୍ଚନ ସ୍ଥାନରେ ଦୟନୀୟ ଭାବରେ ମୃତ୍ୟୁମୁଖକୁ ଛାଡ଼ିଦେବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଛି। ଏହି ଘଟଣା ପରେ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଏହାର ଘୋର ନିନ୍ଦା କରାଯାଇଛି। ସୂଚନାଯୋଗ୍ୟ, କାଇଁଚ ନିଜ ସ୍ୱାମୀ ଓ ପୁଅଙ୍କୁ ହରାଇ ଘରଘର ବୁଲି ମାଗିଯାଚି ଜୀବନ ବିତାଉଥିବା ବେଳେ ତାଙ୍କର ଘରଦ୍ୱାର ବୋଲି କିଛିନାହିଁ। ନିଜ ଭଉଣୀ ଓ ପୁତୁରାଙ୍କ ଉପରେ ନିର୍ଭର କରିଥାନ୍ତି ଯେଉଁମାନେ କି ପ୍ରତିଦିନ ଖଟିଲେ ଖାଆନ୍ତି। ଗ୍ରାମ କୋଠଘର ଓ ରାସ୍ତା କଡ଼ ଗଛ ମୂଳରେ ଜୀବନ ବିତାଇଥାଆନ୍ତି। ଏଭଳି ପରିସ୍ଥିତିରେ କାଇଁଚଙ୍କ ଭଳି ଜଣେ ଦୁଃସ୍ଥ ଓ ରୋଗଗ୍ରସ୍ତ ବୃଦ୍ଧାଙ୍କୁ ଉପଯୁକ୍ତ ଚିକିତ୍ସା ନ ଦେଇ ସାମାନ୍ୟତମ ଦାୟିତ୍ୱ ନନେଇ ସଂସ୍ଥା ପୁଣି ତାଙ୍କୁ ଏକାନ୍ତରେ ଛାଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ ଏବଂ ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି




**ପରଜଙ୍ଗ, ୨୪।୩(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବିଜେପି ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ମଣ୍ଡଳ ସଭାପତି ଦୁର୍ଗାଚରଣ ନାୟକଙ୍କ ଆବାହକତ୍ୱ ତଥା ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଛାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପରଜଙ୍ଗ ୨ନଂ ମଣ୍ଡଳ ସଭାପତି ବୀଭତ୍ସ କୁମାର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ୫ ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲ୍ଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ସାହୁ, ଲକ୍ଷ୍ମୀଧର ସାହୁ, ସନ୍ତୋଷ ରାଉତ, ରଞ୍ଜନ କୁମାର ଦଳବେହେରା, ହିମାଂଶୁ ପାଢ଼ୀ, ଟୁଟୁ ପାଣି, ଜୟନ୍ତ ନାୟକ, ରମେଶ ଚନ୍ଦ୍ର ସାହୁ, ହେମନ୍ତ କୁମାର ସାମଲ, ତ୍ରିଲୋଚନ ଭୂତିଆ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବନଲତା ମହାନ୍ତି, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

# ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

**ଢେଙ୍କାନାଳ, ୨୪।୩(ସମିସ)**




ସଦର ବ୍ଲକ ବାରଦା ପଞ୍ଚାୟତ ଲଚ୍ଛମନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଓ ନେହରୁ ଯୁବକେନ୍ଦ୍ର 'ମୋ ଭାରତ' ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସଦର, ଓଡ଼ାପଡ଼ା, ଗଁଦିଆ ଓ କାମାକ୍ଷାନଗରରେ ହୋଇଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ବିଜେତା ପ୍ରତିଯୋଗୀଙ୍କୁ ନେଇ ଏହି ଦୁଇଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀ ଯୁବପିଢ଼ିଙ୍କ ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହନ ଦେବା ଓ ସେମାନଙ୍କ ପ୍ରତିଭାକୁ ରାଜ୍ୟ ତଥା ଦେଶ ବିଦେଶରେ ଉପସ୍ଥାପନା କରିବାର ଏହା ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ବାରଦା ସରପଞ୍ଚ ଦୀପାଞ୍ଜଳି ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ଓଡ଼ିଶାର ସୁନାମଧନ୍ୟ କ୍ରୀଡ଼ାବିତ୍ ଗଙ୍ଗାଧର ରାଉତ, ସମାଜସେବୀ ସରୋଜ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାର ବାଳକ ବର୍ଗରେ ଫୁଟ୍‌ବଲ୍, ବାସ୍କେଟ୍ ବଲ୍ ଓ ବାଳିକା ବର୍ଗରେ ସ୍ଲୋ ସାଇକଲ୍ ରେସ୍, ବ୍ୟାଡ୍‌ମିଣ୍ଟନ୍, ରିଲେ ରେସ୍ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୌରାଙ୍ଗ ଚରଣ ସ୍ୱାଇଁ ଓ ଜଗବନ୍ଧୁ ସ୍ୱାଇଁ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ୮୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅନୁଷ୍ଠାନର ସଦସ୍ୟ ସୋମବାରୀ ସେଠୀ, ସଞ୍ଜୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ନେହରୁ ଯୁବକେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଓ ନିଶ୍ୱାର୍ଡର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିଲା।

**● ପ୍ରଥମ ମହିମା ପୁସ୍ତକ ମେଳା ଉଦ୍‌ଘାଟିତ**

# 'ବହି ମଣିଷର ଜ୍ଞାନକୁ ପରିବ୍ୟାପ୍ତ କରି ବିଶ୍ୱବିଜୟୀ କରେ'




**ଢେଙ୍କାନାଳ, ୨୪।୩(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମରେ ସ୍ୱେଚ୍ଛାସେବୀ ସଙ୍ଗଠନ ନିୟୁ ଇଣ୍ଡିଆ ତରଫରୁ ଭାରତ ସରକାରଙ୍କ ଏନବିଟି ସହଯୋଗରେ ପ୍ରଥମ ମହିମା ବହିମେଳା ଉଦଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ବହି ମଣିଷର ଜ୍ଞାନକୁ ପରିବ୍ୟାପ୍ତ କରି ବିଶ୍ୱବିଜୟୀ କରିପାରିବ। ବହି ସହ ସମସ୍ତେ ପରିଚିତ ଏବଂ ବହିକୁ ଆପଣାର କରି ତା' ସହିତ ଆତ୍ମୀୟତା ପ୍ରକାଶ କରିବା ଉଚିତ। ଏଭଳି ବହିମେଳା ଆୟୋଜନ ବାସ୍ତବିକ ପ୍ରଶଂସନୀୟ ବୋଲି ସେ କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଏସପି ଅଭିନବ ସୋନକର ଯୋଗଦେଇ ଡିଜିଟାଲ ମିଡିଆଠାରୁ ବହିର ମାଧ୍ୟମ ବହୁତ ଆନନ୍ଦମୟ ବୋଲି କହିଥିଲେ। ବହିକୁ ସମସ୍ତେ ଆପଣାର କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଲ୍କଳଧାରୀ ମହିମା ସମାଜ ସମ୍ପାଦକ ଅବଧୂତ ସୁବ୍ରତ ବାବା ଯୋଗଦେଇ ମହିମା ଧର୍ମ ସମାଜରେ ଜ୍ଞାନର ଆଲୋକବର୍ତ୍ତିକା ବୋଲି କହିଥିଲେ। ଆୟୋଜକ ଅନୁଷ୍ଠାନ ସଦସ୍ୟ ନିର୍ମଳା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ କଳା ସଂସ୍କୃତି ସଙ୍ଘର ଉପସଭାପତି ଅବନୀ ମିଶ୍ର ପରିଚାଳନା କରିଥିଲେ। ନିୟୁ ଇଣ୍ଡିଆର ସମ୍ପାଦକ ଶେଷଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ଯ୍ୟରତ୍ନ ଚକ୍ରଧର, ଶତ୍ରୁଘ୍ନ ମାଟି, ଜ୍ଞାନେନ୍ଦ୍ର ସାହୁ, କମଳ ନନ୍ଦ, ସ୍ନିଗ୍ଧା ଧଳ ସହଯୋଗ କରିଥିଲେ।

